Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:308✦8 March 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୩୦୮✦୮ ମାର୍ଚ୍ଚ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ସିଏମ୍‌ସି ପାଇଁ ୧୨ଶହ ୬୮କୋଟିର ବଜେଟ୍ : ଆକାର ଖୁବ୍ ବଡ଼

କଟକ,୭ ।୩ (ନି/ପ୍ର): ଗତ ବର୍ଷ ତୁଳନାରେ ଆହୁରି ବୃହତ ହୋଇଛି କଟକ ମହାନଗର ନିଗମର ବଜେଟ । ଏଥର ୧୨ ଶହ ୬୮ କୋଟି ଟଙ୍କାର ବଜେଟ ପ୍ରସ୍ତୁତ ହୋଇଛି । ଯାହା ଆଜି କାଉନସିଲ ବୈଠକରେ ଉପସ୍ଥାପିତ ହୋଇଛି । ଯଦିଓ ବଜେଟର ଆକାର ଖୁବ ବଡ଼, କିନ୍ତୁ ଏହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି ଖୋଦ ୱାର୍କ୍ସ କମିଟିର ଅଧ୍ୟକ୍ଷ । କାରଣ ଗତବର୍ଷ ଆଗତ ହୋଇଥିବା ୧୨ କୋଟି ଟଙ୍କା ବଜେଟରୁ ପ୍ରାୟ ୨୫୦ କୋଟି ଟଙ୍କା ଖର୍ଚ୍ଚ ନହୋଇ ପଡି ରହିଛି । ପୁଣି କେବଳ ଋଣ ଏବଂ ସରକାରୀ ଅନୁଦାନକୁ ନେଇ ବଜେଟ୍ ପ୍ରସ୍ତୁତ ହେଉଛି । କିନ୍ତୁ ସିଏମସିର ନିଜସ୍ୱ ଆୟ କମିବାରେ ଲାଗିଛି । ଯାହାକୁ ନେଇ କଂଗ୍ରେସ ଆପତି ଉଠାଇଛି । ଏଥର ନୂତନ ନିର୍ମାଣ ଓ ମରାମତି ବାବଦରେ ସର୍ବାଧିକ ୬ ଶହ ୫୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ସେଥିମଧ୍ୟରୁ ୱାର୍ଡ ସୌନ୍ଦର୍ଯ୍ୟକରଣ ଲାଗି ୪୦ କୋଟି, ପାର୍କ ଏବଂ କମ୍ୟୁନିଟି ହଲ ଗୁଡିକର ବିକାଶ ପାଇଁ ୩୫ କୋଟି, ଷ୍ଟ୍ରିଟ ଲାଇଟ ବାବଦୀୟ ୨୫ କୋଟି, ନୂଆ ରାସ୍ତା ନିର୍ମାଣ ଓ ମରାମତି ଲାଗି ୧୫ କୋଟି, ଜଳାଶୟ ପୁନଃରୁଦ୍ଧାର ଲାଗି ୧୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ସେହିପରି ସ୍ୱାସ୍ଥ୍ୟ ଓ ପରିମଳ ବାବଦରେ ୯୧ ଦଶମିକ ୭୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ସେଥି ମଧ୍ୟରୁ କେବଳ ବାୟୋ ମାଇନିଂ ପାଇଁ ଖର୍ଚ୍ଚ ହେବ ୫୦ କୋଟି ଟଙ୍କା । କିନ୍ତୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସିଏମସି ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷ । ନିର୍ଦ୍ଦିଷ୍ଟ ଏଜେନ୍ସି ପାଇଁ ଅହେତୁକ ଅନୁକମ୍ପା ଦେଖାଯାଉଛି, କିନ୍ତୁ ଯୋଗ୍ୟ ସଂସ୍ଥାଙ୍କୁ ବାଇଓ ମାଇନିଙ୍ଗ କାମ କାହିଁକି ଦିଆଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ହେଲେ ମେୟର ସଫେଇ ଦେଇଛନ୍ତି କି, ଏହା ଏକ ଚମତ୍କାର ବଜେଟ, ନୂଆ କଟକ ଲାଗି ଏହି ବଜେଟ ଖୁବ ଉପଯୋଗୀ ହେବ ।ଗତ ୪ ବର୍ଷ ଭିତରେ ସିଏମସିର ନିଜସ୍ୱ ଆୟ କମିବାରେ ଲାଗିଛି । ବିଶେଷ କରି ହୋର୍ଡିଙ୍ଗ ଏବଂ ହୋଲଡିଂ ଟିକସ ଅନାଦେୟ ହୋଇ ରହିବା କାରଣରୁ ବାର୍ଷିକ ପ୍ରାୟ ଦେଢ଼ ଶହ କୋଟିର ରାଜସ୍ୱ ହରାଉଛି ସିଏମସି ।

ପେଟ୍ରୋଲ୍ ଡିଜେଲ ଦର ଆକାଶ ଛୁଆଁ

ଦୋହରା ଯୁଦ୍ଧରେ ଫସିଛି ଆମେରିକା

ୱାସିଂଟନ,୭/୩ :ଇରାନ ସହିତ ବୃଦ୍ଧି ପାଉଥିବା ଯୁଦ୍ଧ ଏବେ ସ୍ପଷ୍ଟ ଭାବରେ ଆମେରିକାର ଅର୍ଥନୀତି ଏବଂ ସାଧାରଣ ଲୋକଙ୍କ ପକେଟକୁ ପ୍ରଭାବିତ କରୁଛି । ଆମେରିକୀୟମାନେ ଦୋହରା ଭାବେ ଫସି ରହିଛନ୍ତି । ଗୋଟିଏ ପଟେ, ଇରାନ ସହିତ ଲଢ଼ିବା ପାଇଁ ପ୍ରତିଦିନ ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ ହେଉଛି । ଅନ୍ୟପଟେ, ଏହି ଯୁଦ୍ଧ ଯୋଗୁଁ ପେଟ୍ରୋଲ ଏବଂ ଡିଜେଲ ଦର ଆକାଶଛୁଆଁ ହେବାରେ ଲାଗିଛି । ଆମେରିକାରେ ପ୍ରତି ଗ୍ୟାଲନ ପେଟ୍ରୋଲର ମୂଲ୍ୟ ୩.୩୨ ଡଲାରରେ ପହଞ୍ଚିଛି । ଏକ ସପ୍ତାହ ମଧ୍ୟରେ ଏହା ପୂର୍ବ ତୁଳନାରେ ପ୍ରାୟ ୧୧ ପ୍ରତିଶତ ବୃଦ୍ଧି ପାଇଛି । ଡିଜେଲ ମୂଲ୍ୟ ପ୍ରତି ଗ୍ୟାଲନ ୪.୩୩ ଡଲାରରେ ପହଞ୍ଚିଛି । ଏହା ଏକ ସପ୍ତାହ ମଧ୍ୟରେ ପ୍ରାୟ ୧୫ ପ୍ରତିଶତ ବୃଦ୍ଧି ହୋଇଛି । ଏକ ଗ୍ୟାଲନ୍ ପ୍ରାୟ ୩.୭୮ ଲିଟର । ତେଣୁ, ଲିଟର ପ୍ରତି ଦର ୦.୮୮ ଡଲାର ବା ଭାରତୀୟ ଟଙ୍କାରେ ପ୍ରାୟ ୮୧ ଟଙ୍କା ଛୁଇଁଛି । ଆମେରିକା-ଇରାନ ଯୁଦ୍ଧ ପରଠାରୁ ବିଶ୍ୱ ତୈଳ ବଜାର ଅସ୍ଥିରତାରେ ରହିଛି । ପାରସ୍ୟ ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧ ଏବଂ ଆକ୍ରମଣ ଯୋଗୁଁ ତୈଳ ଟ୍ୟାଙ୍କରଗୁଡ଼ିକର ଚଳାଚଳ ବିପଦରେ ପଡ଼ିଛି, ଏହି ସମୁଦ୍ର ପଥ ଦେଇ ବିଶ୍ୱର ପ୍ରାୟ ୨୦% ତୈଳ ଯୋଗାଣ ହୁଏ । ଏହି ମାର୍ଗ ପ୍ରତି ବିପଦ ବଢ଼ିବା ସହିତ, ସମଗ୍ର ବଜାରରେ ତୈଳ ଦର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି ।

ଇରାନ ରାଷ୍ଟ୍ରପତିଙ୍କ ସହ ଫୋନରେ କଥା ହେଲେ ପୁଟିନ
ଯୁଦ୍ଧ ବନ୍ଦ କରିବା ପାଇଁ ଦେଲେ ଆହ୍ୱାନ

ମସ୍କୋ/ତେହେରାନ୍,୭/୩: ମଧ୍ୟପ୍ରାଚ୍ୟରେ ଭୀଷଣ ଯୁଦ୍ଧ ଭିତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ଫୋନ ଯୋଗେ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନଙ୍କ ସହ କଥା ହୋଇ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହ ସେ ବଳ ପ୍ରୟୋଗକୁ ପରିହାର କରି କୂଟନୈତିକ ସମାଧାନ ପାଇଁ ଅନୁରୋଧ କରିଛନ୍ତି । ରୁଷ ରାଷ୍ଟ୍ରପତି ଏହା ମଧ୍ୟ କହିଛନ୍ତି ଯେ ସେ ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ଗଲ୍ଫ ସହଯୋଗ ପରିଷଦ (ଜିସିସି) ସଦସ୍ୟ ରାଷ୍ଟ୍ରର ନେତାମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି । ରୁଷର ଏହି ସମର୍ଥନ ପାଇଁ ପେଜେଶକିଆନ କୃତଜ୍ଞତା ପ୍ରକାଶ କରିବା ସହ ଯୁଦ୍ଧ ସ୍ଥିତି ନେଇ ଆଲୋଚନା କରିଛନ୍ତି । ମଧ୍ୟପ୍ରାଚ୍ୟରେ ଭୀଷଣ ଯୁଦ୍ଧ ଭିତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ଫୋନ ଯୋଗେ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନଙ୍କ ସହ କଥା ହୋଇ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହ ସେ ବଳ ପ୍ରୟୋଗକୁ ପରିହାର କରି କୂଟନୈତିକ ସମାଧାନ ପାଇଁ ଅନୁରୋଧ କରିଛନ୍ତି ।

ଆଜି ମିଳିବ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି

ଭୁବନେଶ୍ୱର,୭/୩(ନି/ପ୍ର): ଆସନ୍ତାକାଲି ମିଳିବ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଟଙ୍କା । ଏ ନେଇ ଆଜି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । କୋଟିଏ ୨ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ । ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ । ୨ ଲକ୍ଷ ୧୩ ହଜାର ନୂଆ ହିତାଧିକାରୀ ମଧ୍ୟ ସୁଭଦ୍ରା ଟଙ୍କା ପାଇବେ । ପୁରୀର ତାଳବଣିଆ ଠାରେ ଏକ ବିଶାଳ କାର୍ଯ୍ୟକ୍ରମ ଆୟୋଜନ ହେବ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତରେ ସମସ୍ତ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ । ସୁଭଦ୍ରା ହିତାଧିକାରୀଙ୍କ ତାଲିକା ବଦଳିବା ଏକ ନିରନ୍ତର ପ୍ରକ୍ରିୟା ।

ଡରନ୍ତୁନି, ଯଥେଷ୍ଟ ତେଲ ଅଛି : ମନ୍ତ୍ରୀ

ଭୁବନେଶ୍ୱର,୭/୩(ନି/ପ୍ର): ତେଲ ସରିଯିବା ଗୁଜବ ପରେ ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ କାଲି ରାତିରୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି । ତେବେ ଏହାକୁ ନେଇ ଆଜି ପ୍ରତିକ୍ରିୟା ରଖିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ସେ କହିଛନ୍ତି ଯଥେଷ୍ଟ ତେଲ ମହଜୁଦ୍ ଅଛି । ବିଭ୍ରାନ୍ତିକର ତଥ୍ୟ ଉପରେ ବିଶ୍ୱାସ କରନ୍ତୁ ନାହିଁ । କେବଳ ସରକାରୀ ତଥ୍ୟ ଉପରେ ବିଶ୍ୱାସ କରନ୍ତୁ । ଆମ ପାଖରେ ଯଥେଷ୍ଟ ତେଲ ଅଛି, ଆଦୌ ଅସୁବିଧା ହେବନି । କଳାବଜାରୀ ଉପରେ ନଜର ରଖନ୍ତୁ । ଦରକାର ପଡିଲେ ଆକ୍ସନ ନେବୁ । ତେଲ, ନିତ୍ୟ ବ୍ୟବହୃତ ସାମଗ୍ରୀ ଉପରେ ନଜର ରଖିଛୁ । ଭୟଭୀତ ହୁଅନ୍ତୁ ନାହିଁ ।

ଖଡଗେଙ୍କୁ ଭେଟିଲେ ଦତେଶ୍ୱର ହୋତା

ନୂଆଦିଲ୍ଲୀ,୭/୩: କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଭେଟିଲେ ରାଜ୍ୟସଭା ପ୍ରାର୍ଥୀ ଡାକ୍ତର ଦତେଶ୍ୱର ହୋତା । ଦିଲ୍ଲୀରେ ଖଡଗେଙ୍କୁ ଭେଟିଛନ୍ତି ଦତେଶ୍ୱର । ଏହି ସମୟରେ ପିସିସି ସଭାପତି ଭକ୍ତ ଦାସ, କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ କ୍ରିଏଟିଭ୍ କଂଗ୍ରେସ ସଭାପତି ସନ୍ଦୀପ ଦୀକ୍ଷିତ ତାଙ୍କ ସହ ଉପସ୍ଥିତ ଥିଲେ । ଆଗକୁ ରାଜ୍ୟସଭା ନିର୍ବାଚନ ଥିବାବେଳେ ବିଜେଡିର ଚତୁର୍ଥ ଆସନ ପାଇଁ ଦତେଶ୍ୱର ହୋତା ପ୍ରାର୍ଥୀ ହୋଇଛନ୍ତି ।

ଛତ୍ରପତି ହତ୍ୟା ମାମଲା : ଗୁରମିତ୍ ରାମ ରହିମ ନିର୍ଦ୍ଦୋଷରେ ଖଲାସ

ପଞ୍ଜାବ,୭/୩: ବହୁଚର୍ଚ୍ଚିତ ସାମ୍ବାଦିକ ଛତ୍ରପତି ହତ୍ୟା ମାମଲା । ଡେରା ମୁଖ୍ୟ ରାମ ରହିମଙ୍କୁ ବଡ଼ ଆଶ୍ୱସ୍ତି । ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସିବିଆଇ କୋର୍ଟଙ୍କ ରାୟକୁ ଆଂଶିକ ଭାବରେ ପରିବର୍ତ୍ତନ କରି ଡେରା ମୁଖ୍ୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ତେବେ କୋର୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ଅନ୍ୟ ତିନି ଅଭିଯୁକ୍ତ କୁଲଦୀପ, ନିର୍ମଳ ଓ କିଶନ ଲାଲଙ୍କ ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଛନ୍ତି । ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କ ରାୟ ବିରୋଧରେ ଅଭିଯୁକ୍ତମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ରାୟ ଶୁଣାଇଛନ୍ତି । ମାମଲାରେ ପ୍ରମାଣ ଓ ଯୁକ୍ତିର ବିସ୍ତୃତ ବିଚାର ପରେ, କୋର୍ଟ ଜାଣିପାରିଛନ୍ତି ଯେ, ଡେରା ମୁଖ୍ୟଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଯଥେଷ୍ଟ ପ୍ରମାଣିତ ହୋଇନାହିଁ । ସେହି ଆଧାରରେ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ଅନ୍ୟ ତିନି ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଯଥେଷ୍ଟ ଥିବାରୁ ସେମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ହାଇକୋର୍ଟ ସେମାନଙ୍କ ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଛନ୍ତି ।ତେବେ ଏଠାରେ କହିରଖୁ ଯେ, ଏହି ମାମଲା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ସହିତ ଜଡିତ । ସେ ଡେରାରେ ଥିବା ସମୟରେ ଡେରା ବିରୋଧରେ ଗମ୍ଭୀର ଅଭିଯୋଗ ପ୍ରକାଶ କରିଥିଲେ । ପରେ ୨୦୦୨ ମସିହାରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ଘଟଣା ଅଂଚଳରେ ଏକ ଚାଂଚଲ୍ୟ ସୃଷ୍ଟି କରିଥିଲା । ପରେ ମାମଲାଟି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରାଯାଇଥିଲା । ଦୀର୍ଘ ବିଚାର ପରେ, ୨୦୧୯ରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଡେରା ମୁଖ୍ୟ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

ଭାରତ ପାଇଁ ବଢ଼ିଲା ରୁଷ୍ ତୈଳର ଦାମ୍

ନୂଆଦିଲ୍ଲୀ/ମସ୍କୋ,୭/୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ତଥା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ ଯୋଗୁ ଭାରତକୁ ତୈଳ ଯୋଗାଣ କରୁଥିବା ଲାଇନ୍ ସଙ୍କଟରେ ପଡ଼ିଛି । ଏହି ସମୟରେ ଆସିଥିବା ରୁଷୀୟ ତୈଳର ରିପୋର୍ଟ ଏକ ବଡ଼ ବିପର୍ଯ୍ୟୟ ସାବ୍ୟସ୍ତ ହୋଇଛି । ଗତ ଚାରି ବର୍ଷ ଧରି ଭାରତ ପାଇଁ ଶସ୍ତା ଥିବା ରୁଷୀୟ ତୈଳ ଏବେ ମହଙ୍ଗା ହୋଇଯାଇଛି । ରୁଷୀୟ ତୈଳ ଉପରେ ସେକସନ୍ ଡିସକାଉଣ୍ଟ ଏବେ ଏକ ସ୍କାର୍ସିଟି ପ୍ରିମିୟମ୍ ?ରେ ପରିଣତ ହୋଇଛି । ଫଳରେ ଭାରତ ଏବେ ଆନ୍ତର୍ଜାତୀୟ ମାନଦଣ୍ଡ, ବ୍ରେଣ୍ଟ କ୍ରୁଡ୍ ଅପେକ୍ଷା ଅଧିକ ମୂଲ୍ୟରେ ରୁଷୀୟ ତୈଳ କ୍ରୟ କରୁଛି ।୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ରୁଷ ଭାରତକୁ ପ୍ରତି ବ୍ୟାରେଲ ପିଛା ୧୫ ରୁ ୩୦ ଡଲାର ରିହାତି ଦେଉଥିଲା । କିନ୍ତୁ ଏବେ ବଜାର ବଦଳି ଯାଇଛି । ଏହି ଚୁକ୍ତି ମହଙ୍ଗା ହୋଇଯାଇଛି । ମାର୍ଚ୍ଚ ଏବଂ ଏପ୍ରିଲ ୨୦୨୬ରେ ବିତରଣ ପାଇଁ ରୁଷୀୟ ତେଲ ଏବେ ବ୍ରେଣ୍ଟ କ୍ରୁଡ ତୁଳନାରେ ବ୍ୟାରେଲ ପିଛା ୪.୫ ଡଲାର ମହଙ୍ଗା ହୋଇଛି । ଯୁଦ୍ଧ ଯୋଗୁଁ ଉପସାଗରରୁ ୧୪ ଲକ୍ଷ ବ୍ୟାରେଲ ତେଲ ପରିବହନରେ ଅଟକି ରହିଛି । ଫଳସ୍ୱରୂପ, ଭାରତୀୟ ତୈଳ ବିଶୋଧନାଗାର ଆଇଓସି,ବିପିସିଏଲ୍ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ରୁଷ ଆଡକୁ ମୁହାଁଇଛନ୍ତି । ରୁଷ ଏହି ସୁଯୋଗର ପୂର୍ଣ୍ଣ ଲାଭ ଉଠାଉଛି । ଏସବୁ ପଛରେ ଆମେରିକାର ହାତ ଅଛି । ପ୍ରଥମେ, ଆମେରିକା ଭାରତ-ରୁଷ ତୈଳ ବାଣିଜ୍ୟରେ ହସ୍ତକ୍ଷେପ କରିଥିଲା । ଏବେ ଆମେରିକା ଭାରତକୁ ତେଲ ମୂଲ୍ୟ ହ୍ରାସ କରିବା ପାଇଁ ରୁଷ ତୈଳ କିଣିବାକୁ ଅନୁରୋଧ କରୁଛି । ଆମେରିକାର କୁଟିଳ ତୈଳ କୂଟନୀତି ରୁଷକୁ ତୈଳ ମୂଲ୍ୟ ବୃଦ୍ଧି କରିବାର ସୁବର୍ଣ୍ଣ ସୁଯୋଗ ଦେଇଛି । ଆମେରିକା ଭାରତକୁ ରୁଷୀୟ ତେଲ କିଣିବାକୁ ଅନୁରୋଧ କରିବା ମାତ୍ରେ, ରୁଷୀୟ ରପ୍ତାନିକାରୀମାନେ ମୂଲ୍ୟ ଆହୁରି ବୃଦ୍ଧି କରିଥିଲେ । ସେମାନେ ଜାଣନ୍ତି ଯେ, ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ, ବିଶ୍ୱ ପାଖରେ ରୁଷରୁ ତେଲ ସଂଗ୍ରହ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ଲମ୍ବା ସମୁଦ୍ର ଯାତ୍ରା ଏବଂ ଭାରୀ ଖର୍ଚ୍ଚ ଯୋଗୁ ଯଦିଓ ରୁଷର ବାଲ୍ଟିକ୍ ବନ୍ଦରଗୁଡ଼ିକରେ ତେଲ ଟିକେ ଶସ୍ତା ହୋଇପାରେ, ଭାରତରେ ପହଁଚିବା ବେଳକୁ ଏହାର ମୂଲ୍ୟ ଆକାଶଛୁଆଁ ହୋଇଯାଇଥାଏ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ, ଜାହାଜଗୁଡ଼ିକୁ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଅର୍ଥାତ୍ ଆଫ୍ରିକା ଅଧୀନରେ ଏକ ଲମ୍ବା ରାସ୍ତା ବଦଳାଇବାକୁ ପଡୁଛି । ସାମୁଦ୍ରିକ ବୀମା ଏବଂ ପରିବହନ ମୂଲ୍ୟ ଏତେ ବୃଦ୍ଧି ପାଇଛି ଯେ ଭାରତର ପଶ୍ଚିମ ଉପକୂଳରେ ତେଲ ପହଂଚିବା ବେଳକୁ ଏହାର ଚୂଡ଼ାନ୍ତ ମୂଲ୍ୟ ବିଶ୍ୱ ବଜାର ହାରକୁ ଅତିକ୍ରମ କରିଯାଉଛି । ଏହି ପରିବର୍ତ୍ତନ ଭାରତ ପାଇଁ ଏକ ବଡ଼ ଆର୍ଥିକ ସଙ୍କଟ ଆଣିଛି । କାରଣ କରୋନା ପରେ, 'ଶସ୍ତା ରୁଷୀୟ ତେଲ' ଦେଶର ଅର୍ଥନୀତି ପରିଚାଳନା ଏବଂ ନିଅଂଟ ହ୍ରାସ କରିବାରେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିଲା । ବର୍ତ୍ତମାନ ରୁଷର ୟୁରାଲ୍ସ ତେଲ ଅନ୍ତର୍ଜାତୀୟ ଦର ତୁଳନାରେ ମହଙ୍ଗା ହୋଇଯାଇଛି ଏବଂ ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ୯୨ ଡଲାର ପାଖାପାଖି ପହଞ୍ଚିଛି, ତେଣୁ ଘରୋଇ ବଜାରରେ ପେଟ୍ରୋଲ-ଡିଜେଲ ମୂଲ୍ୟ ଓ ଭାରତୀୟ ଟଙ୍କା ଉପରେ ଚାପ ବୃଦ୍ଧି ପାଇଛି ।

ବିକଶିତ ଓଡ଼ିଶା ଗଠନର ନୂତନ ଅଧ୍ୟାୟ

ପାରାଦ୍ୱୀପରେ ଇଫକୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଂଟ ଲୋକାର୍ପିତ

ଭୁବନେଶ୍ୱର, ୭/୩(ନି/ପ୍ର): ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ । ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି ଶ୍ରୀ ଶାହ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଛନ୍ତି, ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି । ସେ ଏହା ମଧ୍ୟ କହିଛନ୍ତି, ଆମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ବିକାଶ ପଥରେ ଆଗେଇ ଚାଲିଛି । ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତା ସମ୍ମିଳନୀର ଆୟୋଜନ କରାଯାଇଛି ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ନେଉଥିବା ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇଛନ୍ତି । ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି । ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି । ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ବୋଲି ମତ ପ୍ରକାଶ କରିଛନ୍ତି ଶ୍ରୀ ଶାହ । ଓଡ଼ିଶାର ବିକାଶ ଯାତ୍ରାରେ ଯୋଡ଼ି ହୋଇଛି ନୂତନ ଫର୍ଦ୍ଦ । ଆଜି ଗୋଟିଏ ଦିନରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହାସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି । ଏହାମାଧ୍ୟମରେ ଓଡ଼ିଶାର ଚାଷୀ ସମୃଦ୍ଧ ହେବ, ଓଡ଼ିଶାର ଯୁବକ ସମୃଦ୍ଧ ହେବେ, ଓଡ଼ିଶାର ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡ଼ିଶା ସମୃଦ୍ଧ ହେବ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୋଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ । ଏହାଦ୍ୱାରା ୨୦୨୫ ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୩ ରେ ମାତ୍ର ୬.୭ ପ୍ରତିଶତ ଥିଲା । ପୋଲିସ୍ ସଂସ୍କାର ସହିତ, 'ସହକାରୀତା ସେ ସମୃଦ୍ଧି' ଆମ ସମୃଦ୍ଧ ଓଡ଼ିଶାର ଦୃଷ୍ଟିକୋଣ ସହିତ ମେଳ ଖାଉଛି । କାରଣ, ସମବାୟ ମାଧ୍ୟମରେ, ସମାଜର ପଛୁଆ ବର୍ଗର ଲୋକମାନେ ଆର୍ଥିକ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି । ଯେତେବେଳେ ରାଜ୍ୟର କୋଟି କୋଟି ଲୋକ ଆର୍ଥିକ ଭାବରେ ସଶକ୍ତ ହେବେ, ସେତେବେଳେ ଓଡ଼ିଶା ସମୃଦ୍ଧ ହେବ ଏବଂ ଭାରତ ବିକଶିତ ହେବ ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିଲ୍ଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ୨୦୨୫-୨୬

କେନ୍ଦୁଝର,୭/୩ (ନି/ପ୍ର): ପିଏମ୍ ଶ୍ରୀ ଐତିହ୍ୟ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦୁଝରରେ ଜିଲ୍ଲା ସ୍ତରୀୟ ଦୁଇଦିନିଆ ପିଏମ୍ ଶ୍ରୀ ଉତ୍ସବ ୬ ତାରିଖ ରେ ଉଦଘାଟିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହ ରେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଯୁଗାନ୍ତକରୀ ପଦକ୍ଷେପ ପିଏମ୍ ଶ୍ରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କୁ ଭୂୟସୀ ପ୍ରଂଶସା କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ସତ୍ୟନାରାୟଣ ମହାନ୍ତ,ରୁଦ୍ର ନାରାୟଣ ସାମଲ,ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା,ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ,ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ ରାଉତ,ଝୁମ୍ପୁରା ବ୍ଲକ୍ ଶିକ୍ଷା ଅଧିକାରୀ ଭଗବାନ ମିଶ୍ର,ଘଷିପୁରା ବ୍ଲକ୍ ଶିକ୍ଷା ଅଧିକାରୀ ସଦ୍ୟସ୍ନାନ ପଣ୍ଡା,ବାଂଶପାଳ ବ୍ଲକ୍ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡି,ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ,ପିଏମ୍ ଶ୍ରୀ ଐତିହ୍ୟ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି,ପଟଂ ସଖା ଶିକ୍ଷା ସେତୁର ଜିଲ୍ଲା ସହାୟକ ଅଧିକାରୀ ପରମେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ସୃଜନାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ିବା ପାଇଁ ଅଭିଭାଷଣ ମାଧମରେ ପରାମର୍ଶ ଦେଇଥିଲେ ।ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ଉତ୍ସବରେ ଆକାଂକ୍ଷୀ ମେଳା,ଟ୍ୟାଲେଟଂ ଗ୍ୟାଲେରୀ,ଦୋକାନ ଯାତ୍ରା,କ୍ୟାରିଅର ମେଳାରେ ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ୮୩୫ ଜଣ ଛାତ୍ରଛାତ୍ରୀ ଯୋଗଦାନ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ।ବିଚାରକ ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅର୍ଥନୀତିର ଆସିଷ୍ଟାଂଟ ପ୍ରଫେସର ଡ଼ ଦାମୋଦର ସାହୁ,ପଦାର୍ଥ ବିଜ୍ଞାନର ଆସିଷ୍ଟାଂଟ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ,ରସାୟନ ବିଜ୍ଞାନର ଆସିଷ୍ଟାଂଟ ପ୍ରଫେସର ଡ଼ ପ୍ରକାଶ ଚନ୍ଦ୍ର ପାଲ,ଉଦ୍ଭିଦ ବିଜ୍ଞାନର କନିଷ୍ଠ ଅଧାପକ ରାଜେନ୍ଦ୍ର କୁମାର କର ବିଭିନ୍ନ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ ।ଏହି ପିଏମ୍ ଶ୍ରୀ ଉତ୍ସବ କାର୍ଯ୍ୟକ୍ରମକୁ ଦେଖିବାଉପଭୋଗ କରିବା ପାଇଁ ବହୁ ସଂଖ୍ୟାରେ ଜନସାଧାରଣ ଛାତ୍ର ଛାତ୍ରୀ ସମବେତ ହୋଇଥିଲେ ।ଶିକ୍ଷୟିତ୍ରୀ ସୋମ୍ୟାଶ୍ରୀ ଚାଟାର୍ଜୀ ମଟଂ ପରିଚାଳନା କରିଥିବା ବେଳେ ପଟଂସଖା ଶିକ୍ଷା ସେତୁ ଜିଲ୍ଲା ନୋଡାଲ ଅଫିସର ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବକୁ ସଫଳ କରାଇବାରେ ସମଗ୍ର ଶିକ୍ଷା କେନ୍ଦୁଝର,ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ତଥା ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବର ବିଭିନ୍ନ କମିଟିରେ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ସକ୍ରିୟ ସହଯୋଗ ରହିଥିଲା ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ

କେନ୍ଦୁଝର, ୭/୩(ନି/ପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ଜିଲ୍ଲା ବିଜେଡ଼ି ତରଫରୁ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । ଏହି ଅବସରରେ 'ସମୃଦ୍ଧ ଓଡିଶା ଗଠନରେ ବିଜୁବାବୁଙ୍କ ଅବଦାନ 'ସମ୍ପର୍କରେ ଆଲୋଚନା କରାଯାଇଥିଲା ।ନବ ଉତ୍କଳର ପ୍ରଗତି ସାରଥୀ ସାଜିଥିବା ଏହି ମହାନ ଜନନାୟକଙ୍କ ଜନ୍ମ ତିଥିରେ ଦଳୀୟ କର୍ମୀ ଓ କର୍ମକର୍ତା ଉପସ୍ଥିତ ରହି ଏହି ଶୀର୍ଷକରେ ଆଲୋକପାତ କରିଥିଲେ । ସକାଳ ୯ଟା ସମୟରେ ବିଜେଡ଼ି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତୀଙ୍କ ନେତୃତ୍ୱରେ କେନ୍ଦୁଝର ସହରସ୍ଥ ଥାନା ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ପୌରାଧକ୍ଷା ମୀନା ମାଝୀ, ଜିଲ୍ଲା ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧକ୍ଷ ରକ୍ଷାକର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧକ୍ଷା ତଥା ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କମଳିନୀ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଦେବୁ ପଟ୍ଟନାୟକ, ଜଗଦୀଶ ଆପଟ, ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତି ନାଏକ, ଝୁମ୍ପୁରା ବ୍ଲକ ସଭପତି ଡ଼ମ୍ବୁରୁଧର ଦାସ, କେନ୍ଦୁଝରଗଡ଼ ପୌରପାଳିକାର କାଉନସିଲର ଶରତ ଚନ୍ଦ୍ର ସାହୁ, କେକୀ କାକଳି କୁମୁରା, ଆଦିବାସୀ ଯୁବ ନେତା ସତ୍ୟବ୍ରତ ନାଏକ, ବରିଷ୍ଠ କର୍ମୀ ବିପିନ ଆପଟ, ନରେନ୍ଦ୍ର ନାଏକ, ଭୋଳା ନାଥ ନାଏକ, ରମେଶ ନାଏକ, ରବୀନ୍ଦ୍ର ପାତ୍ର, ହୃଦାନନ୍ଦ ପ୍ରଧାନ, ଗଦାଧର ପଟ୍ଟନାୟକ, କମୁଲୁ ସାହୁ, ପ୍ରଫୁଲ୍ଲ ପ୍ରଧାନ, ଯୁବ ନେତା ଟିକିନା ବ୍ରହ୍ମ, ମୁନା ପାଣି, ବାସୁଦେବ ଜେନା, ବୁବୁ ସାହୁ, ଅନାଦି ପ୍ରଧାନ, ପରମେଶ୍ୱର ବାରିକ, ଶ୍ରୀକାନ୍ତ ମହାନ୍ତ, ଅରୁଣ ମନ୍ତ୍ରୀ, ଅଜ୍ଜୁ ଘଡେଇ, ଲୁଲୁ ସାହୁ, ଅଭି ନାଏକ, ବାବି ପଟ୍ଟନାୟକ, ପପୁ ଯାଦବ, ସୁଶାନ୍ତ ପ୍ରଧାନ, ମହେନ୍ଦ୍ର ସାହୁ, ମନ୍ମଥ ଘଣା, ରଞ୍ଜନ ବେହେରା, ମନୋଜ ବେହେରା, ସରପଂଚ ତପନ ନାଏକ, ବସନ୍ତ ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ବିଜୁବାବୁଙ୍କ ସ୍ମୃତିରେ ବହୁ ବରିଷ୍ଠ ନେତା ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ ।

ହୋଲି ଉପଲକ୍ଷେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍

କେନ୍ଦୁଝର,୭/୩(ନି/ପ୍ର): ଆନନ୍ଦପୁର ପାଟରା ସାହି ବ୍ରାହ୍ମଣୀଦେବୀ କ୍ରିକେଟ ପଡ଼ିଆରେ ହୋଲି ଉପଲକ୍ଷେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ପତିତପାବନ ପ୍ରିମିୟର ଲିଗ୍ ୨୦୨୬ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଭାତୃଭାବ ତଥା ନିଜର ଫିଟନେସ ବଜାୟ ରଖିବା ପାଇଁ ପ୍ରତିବର୍ଷ ହୋଲିରେ ଆୟୋଜିତ ହେଉଥିବା ଏହି ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଚଳିତ ବର୍ଷ ୧୧ତମ ସଂସ୍କରଣ ରେ ପଦାର୍ପଣ କରିଥିବା ବେଳେ ପ୍ରଥମ କରି ଦିବାରାତ୍ର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଟିମ୍ ବ୍ରହ୍ମୋସ,ଟିମ୍ ଅଗ୍ନି,ଟିମ୍ ଶୌର୍ଯ୍ୟ ଭାଗ ନେଇ ପ୍ରତ୍ୟେକ ଟିମ୍ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିବା ବେଳେ ଉନ୍ନତ ରନ୍ ରେଟ ରେ ଟିମ୍ ବ୍ରହ୍ମୋସ ଚଳିତ ବର୍ଷ ଚାମ୍ପିଅନ ହୋଇଥିଲେ ।ଆଦିତ୍ୟ ମୋହନ ନାୟକ,ଶୁଭ୍ରମନ୍ୟୁ କୁଣ୍ଡ,ସୁଧୀର କୁମାର ନାହାକ,ଜୟନ୍ତ କୁମାର ବେହେରା,ରାକେଶ କୁମାର ପାତ୍ର,ବିଜୟ କୁମାର ବେହେରା,ସୁଧୀର କୁମାର ବେହେରା,ଓଁକାର ପ୍ରସାଦ ଦାସ,ଅଶ୍ୱିନୀ କୁମାର ସାହୁ, ଅରବିନ୍ଦ ସା,ସତ୍ୟରଞ୍ଜନ ବେହେରା,ଭଦ୍ରତନୁ ଦାସ, ପତିତପାବନ ସା,ସୁବ୍ରତ କୁମାର ବେହେରା,ଚିନ୍ମୟ କୁମାର ସାହୁ,ତ୍ରିଲୋଚନ ପାତ୍ର,ରାଜେଶ କୁମାର ପାତ୍ର,ଗୁପ୍ତତନୁ ଦାସ,ମୃତ୍ୟୁଞ୍ଜୟ ସାହୁ,ପ୍ରକାଶ କୁମାର ସାହୁ,ତୁଷାର କୁମାର ପାତ୍ର, ନିରାକାର ରାମ୍,ଜଗନ୍ନାଥ ସାହୁ,ସୁକେଶ ସିଂହ,ସନ୍ତୋଷ କୁମାର ସାହୁ,ରୁଦ୍ରନାରାୟଣ ପାତ୍ର ପ୍ରମୁଖ କ୍ରିକେଟ ମ୍ୟାଚ୍ ରେ ଭାଗ ନେଇଥିବା ବେଳେ ପ୍ରିୟବ୍ରତ ଚକ୍ରବର୍ତୀ,ବାବୁ ଚନ୍ଦ୍ର ରାମ୍ କ୍ରିକେଟ୍ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ ।

ଗାନ୍ଧୀ ବାଳାଶ୍ରମ ବିଦ୍ୟାଳୟ ଶିକ୍ଷକଙ୍କ ପରଲୋକ

ଭଦ୍ରକ,୭/୩(ନି/ପ୍ର): ଗାନ୍ଧୀ ବାଳାଶ୍ରମ ମଧ୍ୟ ଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନାରାୟଣ ତିଆଡ଼ି(୫୭)ଙ୍କର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ମଧୁମେହ ରୋଗରେ ପୀଡ଼ିତ ଥିଲେ । ମଙ୍ଗଳବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ମରଶରୀରକୁ ରଘିଲା ଗ୍ରାମକୁ ଅଣାଯାଇ ଗ୍ରାମ ପରିକ୍ରମା କରିବା ପରେ ଶେଷ ଦର୍ଶନ ନିମିତ ରଖାଯାଇଥିଲା । ତାଙ୍କ ମୃତ୍ୟୁ ଖବର ପାଇ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଗାନ୍ଧୀ ବାଳାଶ୍ରମ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁସ୍ତାକ ଗହ୍ୱର, ଗାନ୍ଧୀ ବାଳାଶ୍ରମ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରଣୀଧର ସେଠୀ, ଝରଣା ଦାସ, ତଥାଗତ ଜେନା, ଆଇନ୍‌ଜୀବି ବିଶ୍ୱରଞ୍ଜନ ଦାସ, ସୌମ୍ୟରଞ୍ଜନ ଦାସ, ନିରଞ୍ଜନ ନାୟକ, ଚନ୍ଦନ ସାହୁ, ପ୍ରଜ୍ଞାଶ୍ରୀ ଦାସ, ରତିକାନ୍ତ ଦାସ, ହୃଷିକେଶ ପାଢ଼ୀ, ଅଜୟ ପାଢ଼ୀ, ଅରବିନ୍ଦ ପାଢ଼ୀ, ପ୍ରେମାନନ୍ଦ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ପୁତ୍ର ଓମ୍‌କାର ତିଆଡ଼ି ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସହଧର୍ମିଣୀ କନକଲତା ମହାପାତ୍ର, କନ୍ୟା ମନୀଷା, ଭାଇ ରାମନାରାୟଣ, ରାଜନାରାୟଣ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ରବିନାରାୟଣ ତିଆଡ଼ି ଗାନ୍ଧୀ ବାଳାଶ୍ରମ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଦୀର୍ଘ ୩୦ବର୍ଷ ଧରି ଶିକ୍ଷକତା କରିଆସୁଥିଲେ

ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡିଲା ଦନ୍ତାହାତୀ

କେନ୍ଦୁଝର,୭/୩(ନି/ପ୍ର): ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡିଗଲା ଦନ୍ତାହାତୀ । ୬ ଘଟାଂର କଷ୍ଟସାଧ ଅପରେସନ୍ ପରେ କୂଅରୁ ହାତୀ ଉଦ୍ଧାର ହୋଇଛି । ପ୍ରକାଶ ଯେ, କେନ୍ଦୁଝର ସଦର ରେଞ୍ଜ ବନାଯୋଡ଼ି ଗାଁର ଏକ କୂଅରେ ଖାଦ୍ୟ ପାଇଁ ଆସି ପଡ଼ିଯାଇଥିଲା ହାତୀ । ଗତକାଲି ବିଳମ୍ବିତ ରାତିରେ ୩ଟି ଦନ୍ତାହାତୀ ବନାଯୋଡ଼ି ଗାଁ ଆଡେ ଆସିଥିବା ବେଳେ, ଗାଁର ହୃଷି ନାଏକଙ୍କ କୂଅର ଗୋଟିଏ ଦନ୍ତାହାତୀ ଖସି ପଡ଼ିଥିଲା । ହାତୀ ପଡ଼ିଯିବା ପରେ ଗର୍ଜନ କରିବାରୁ ହୃଷି ବନ କର୍ମଚାରୀଙ୍କୁ ଖବର ଦେଇଥିଲେ । ବନ କର୍ମଚାରୀ ଖବର ପାଇ ହାତୀଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏକ ଜେସିବି ମେସିନ୍ ସାହାଯ୍ୟରେ କୂଅକୁ ତାଡ଼ି ଏକ ରାସ୍ତା ତିଆରି କରିଥିଲେ । କୂଅଟି ଗଭୀର ଥିବାରୁ ୧୦ ଫୁଟ ଗାତ କରି ପ୍ରଥମେ ସେଠାରେ ଏକ ରାସ୍ତା ତିଆରି କରି ଦମକଳ ବାହିନୀ ସହାୟତାରେ ୮୦ ମିଟର ଦୂରରୁ ପାଣି ଆଣି କୂଅରେ ଭର୍ତି କରାଯାଇଥିଲା । ପାଣି ଭର୍ତି ହେବା ପରେ ହାତୀଟି କୂଅରୁ ବାହାରି ଜଙ୍ଗଲ ମୁହାଁ ହୋଇଥିଲା । ଯିବା ବାଟରେ ଉତ୍ୟକ୍ତ ହାତୀ ଗୋଟିଏ ବାଇକ୍ ଭାଙ୍ଗି ଦେଇଥିଲା । ଏହି ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ସହ ଅନ୍ୟ ଜଣେ ପଡ଼ି ଆହତ ହୋଇଛନ୍ତି । ସେମାନଙ୍କୁ ବନ ବିଭାଗ ଦ୍ୱାରା ଡ଼ାକ୍ତରଖାନାରେ ଭର୍ତି କରାଯାଇଛି । ଉଦ୍ଧାର ହାତୀ ଏବେ ଉତ୍ୟକ୍ତ ଥିବାରୁ, ତା'ର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି । ଏହି ଆକ୍ରମଣ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ମାନେ କ୍ଷତିପୂରଣ ଦାବୀ କରିଥିଲେ । କୂଅର ମାଲିକ ଏବଂ ଅନ୍ୟମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ ।

ସଡ଼କ ଦୁର୍ଘଟଣାରେ ଚାଲିଗଲା ୭ ଜୀବନ



ଭୁବନେଶ୍ୱର,୭/୩(ନି/ପ୍ର): ସକାଳୁ ସକାଳୁ ବଡ଼ ଦୁର୍ଘଟଣାର ଖବର ସାମ୍ନାକୁ ଆସୁଛି । ଆଉ ଏହି ଦୁର୍ଘଟଣା ଜଣେ କି ଦୁଇ ଜଣ ନୁହେଁ ବରଂ ୭ ଜଣଙ୍କ ଜୀବନ ନେଇଛି । ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଘଟଣା ପାଇଁ ୭ ଜଣଙ୍କ ଜୀବନ ଯାଇଛି । ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ଅକାଳ ମୃତ୍ୟୁ। ନୟାଗଡ଼ ଜିଲ୍ଲା ବୋଦସାରେ ଘଟିଛି ଅଭାବନୀୟ ଘଟଣା । ମୃତ ଯୁବକ ୨ ଜଣ ହେଲେ ଭାପୁର ବ୍ଲକର ଧାନଚେଙ୍ଗଡା ପଚାଂୟତ ଅଧୀନ କଳଟାଙ୍ଗୀ ଗ୍ରାମର ମଦନ ଧଳଙ୍କ ପୁଅ ବୀର କିଶୋର ଧଳ ଓ ତାରେଶ୍ୱର ବିଶ୍ୱାଳଙ୍କ ପୁଅ ଶଙ୍କର ବିଶ୍ୱାଳ ବୋଲି ସୂଚନା ମିଳିଛି। ଯୁବକ ୨ ଜଣ ଏକ ବାଇକ ଯୋଗେ ମର୍ଦ୍ଦରାଜପୁର ଗ୍ରାମରୁ ବୋଦସା ଦେଇ କଳଟାଙ୍ଗୀ ଗ୍ରାମକୁ ଯାଉଥିଲେ। ତେବେ ବେପରୁଆ ବାଇକ ଚାଳନା ଯୋଗୁଁ ଭାରସ୍ୟାମ ହରାଇ ରାସ୍ତା ପାଖ ଗଛରେ ମାଡ଼ ହୋଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଉଭୟଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଖବରପାଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଚିଂ ଶବ ଜବତ କରିବା ସହ ଦୁର୍ଘଟଣାରେ ଭାଙ୍ଗି ଯାଇଥିବା ବାଇକଟିକୁ ଜବତ କରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି। ଏହି ଦୁଃଖଦ ଘଟଣାକୁ ନେଇ ଅଚଂଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେହିପରି ଘରେ ପଶିଗଲା ଟ୍ରକ। ଶୋଇଥିବା ସମୟରେ ଜଣଙ୍କର ମୃତ୍ୟୁ। ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଥାନା ଅନ୍ତର୍ଗତ କରମୂଳ ହାତିବାରୀ ଗ୍ରାମରେ ଘଟିଛି ଅଘଟଣ । ଗ୍ରାମର ଅସ୍ଥିର ତରାଇଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଗୋଟେ ୬ଠର ଚକିଆ ଟ୍ରକ ଗତକାଲି ବିଳମ୍ବିତ ରାତିରେ ଏକ ଟ୍ରାକ୍ଟରକୁ ଧକ୍କା ଦେବା ପରେ ନିକଟସ୍ଥ ଏକ କୋଠା ଘରେ ପଶି ଯାଇଥିଲା । ଘରର କାନ୍ଥ ଭାଙ୍ଗି ପଶିଯିବାରୁ ଘରେ ଶୋଇଥିବା ଅବସ୍ଥାରେ ଅସ୍ଥିର ତରାଇଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଚିଂ ତଦନ୍ତ ଆରମ୍ଭ କରିଛି। ସେପଟେ ପିପିଲିରେ କେନାଲକୁ ଖସିଲା କାର। ଦୁର୍ଘଟଣାରେ ୫ରୁ ଅଧିକ ଆହତ। ଭୁବନେଶ୍ୱର- ପୁରୀ ଜାତୀୟ ରାଜପଥ ନିର୍ମଳା ଛକ ଠାରେ ଘଟିଛି କାର ଦୁର୍ଘଟଣା। କାରଟି ଦୃଘଟଣା ଗସ୍ତ ହୋଇ ଜାତୀୟ ରାଜପଥ ବ୍ରିଜ ତଳ କେନାଲକୁ ଖସି ପଡିଛି । ଦ୍ରୁତ ଗତିରେ ଭାରସାମ୍ୟ ହରାଇ ଆସି ଦୂର୍ଘଟଣା ହୋଇଥିବା ସୂଚନା। ସମସ୍ତେ ଏବେ ଭୁବନେଶ୍ୱର ହସ୍ପିଟାଲ ସ୍ଥାନାନ୍ତର । ଅନ୍ୟପଟେ ଭୁବନେଶ୍ୱର - ପୁରୀ ଜାତୀୟ ରାଜପଥ ପିପିଲି ବାଇପାସ ରାସ୍ତାର ଦାଣ୍ଡମୁକୁନ୍ଦପୁର ଠାରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଏକ ବାଇକରେ ୩ ଜଣ ଯୁବକ ଯାଉଥିବା ବେଳେ କୌଣସି ଏକ ଗାଡି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଏଥିରେ ୨ ଜଣଙ୍କର ଘଟଣା ସ୍ଥଳରେ ଶୋଚନୀୟ ମୃତ୍ୟୁ ଘଟିଥିଲା । ଅନ୍ୟ ଗୁରୁତର ଆହତକୁ ପିପିଲି ପୁଲିସ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ପିପିଲି ମେଡିକାଲ ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି । ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ସୂଚନା ମିଳିଛି । ମୃତକଙ୍କ ପରିଚୟ ମିଳିପାରିନାହିଁ । ସେହିପରି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅନ୍ତର୍ଗତ ଶ୍ରୀନିକେତା ପଚାଂୟତର ସିର୍ସାମାହାଠାରେ ଏକ ଦୁର୍ଘଟଣା ଘଟିଯାଇଛି । ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ଜଣେ ୨୨ ବର୍ଷୀୟ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ଦାରିଙ୍ଗବାଡି ବ୍ଲକ ତିଲୋରୀ ଶ୍ରୀରାମନଗର ସାହିର ଦୟା ନାୟକଙ୍କ ପୁଅ ନାନୁ ନାୟକ। ବିଳମ୍ବିତ ରାତିରେ ନାନୁ ବାଇକ ଯୋଗେ ଦାରିଙ୍ଗବାଡିରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସିର୍ସାମାହା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡି ତାଙ୍କୁ ଜୋରଦାର ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ଗାଡିଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ନାନୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତିକରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ ନିଶ୍ଚିତ କରିଛନ୍ତି। ଖବର ପାଇ ଦାରିଙ୍ଗବାଡି ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଚିଂ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଶ୍ରୀରାମନଗର ସାହି ଅଚଂଳରେ ଶୋକର ଛାୟା ଖେଳିଯାଇଛି। ଖଲ୍ଲିକୋଟରୁ ଆସିଛି ବି ଦୁର୍ଘଟଣାର ଖବର । ୧୬ ନଂ ଜାତୀୟ ରାଜପଥ ଚଣ୍ଡୀ ଢ଼ାବା ନିକଟ ଗୁଡ଼ିଡିପ ନିକଟରେ ବାଇକ ଦୁର୍ଘଟଣା। ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ମୃତକ ଜଣକ ସାଙ୍ଗରେ ରମ୍ଭା ନିକଟରୁ ବାରହା ମାଂସ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଦୂର୍ଘଟଣା ଘଟିଛି। ଘଟଣା ସ୍ଥଳରେ ପଡ଼ିଛି ବଡ଼ ବଡ଼ ବାରହା ମାଂସ ଖଣ୍ଡ। ଯୁବକ ଜଣକୁ ଖଲ୍ଲିକୋଟ ମେଡିକାଲରେ ଭର୍ତି ପରେ ମୃତ ଘୋଷଣା କରିଥିଲେ ଡାକ୍ତର। ଘଟଣା ସ୍ଥଳରେ ଖଲ୍ଲିକୋଟ ପୁଲିସ ଓ ଏନଏଚଆଇ ପାଟ୍ରୋଲିଂ ପୁଲିସ ପହଚିଂ ତଦନ୍ତ ଆରମ୍ଭ କରିଛି। ତେବେ ଯୁବକ ଜଣକ କେଉଁଠୁ ବାରହା ମାଂସ ଆଣିଲେ ଓ କେଉଁଠିକୁ ନେଇ ଯାଉଥିଲେ ତାହା ସ୍ୱଷ୍ଟ ହୋଇ ନାହିଁ। ସେପଟେ ନୀଳଗିରିରେ ଓଲଟିଲା ପଥର ବୋଝେଇ ଟିପ୍ପର। ଦୁର୍ଘଟଣାରେ ଚାଳକ ଗୁରୁତର। ନୀଳଗିରି ଥାନା ଅଧୀନ କେନ୍ଦୁଖୁଟାଂ ଛକ ନିକଟରେ ଏଭଳି ଏକ ଦୁର୍ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଭୋର ପ୍ରାୟ ୪ଟା ସମୟରେ ବେଆଇନ ଭାବରେ ପଥର ଚୋରା ଚାଲଣ କରୁଥିବା କାରଣରୁ ଗାଡ଼ିଟି ଦ୍ରୁତ ଗତିରେ ଯାଉଥିଲା।

ଅସ୍ମିତା ଅନ୍ତର୍ଜାତୀୟ ମହିଳା ଦିବସ ନିମନ୍ତେ ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା,୭/୩(ନି/ପ୍ର): କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ମାଇଁ ଭାରତ, ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ (କ୍ରୀଡା ବିଭାଗ) ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମାର୍ଚ୍ଚ ୬ ତାରିଖ ଠାରୁ ମାର୍ଚ୍ଚ ୮ ତାରିଖ ତିନିଦିନ ବ୍ୟାପି ଅସ୍ମିତା ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ମହିଳା ଦିବସ ପାଳନରେ କେନ୍ଦ୍ର ତଥା ରାଜ୍ୟସରକାରଙ୍କ ମୂଳ ଲକ୍ଷ୍ୟ ରହିଛି "ସଶକ୍ତମହିଳା ସଶକ୍ତ ରାଷ୍ଟ୍ର" ଗଠନ। ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ରଘୁରାମ ଆର ଆୟର ପ୍ରକାଶ କରିଛନ୍ତି ଯେ, ମହିଳାମାନଙ୍କ ମଧ୍ୟରେ ଏହି ଦିବସ ଉପଲକ୍ଷେ କ୍ରୀଡା, ଦୌଡ ଆଦି ଶାରୀରିକ ଦକ୍ଷତା ପ୍ରତିଯୋଗିତା ସହ ପୋଷଣ, ମାନସିକ ଶକ୍ତି ବୃଦ୍ଧି, ଉତମ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତତସହିତ ସେମାନଙ୍କୁ ସ୍ୱସୁରକ୍ଷା ଓ ସାଇବର କ୍ରାଇମ ସୁରକ୍ଷା ସମ୍ପର୍କରେ ସଚେତନ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ମଧ ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ମାର୍ଚ୍ଚ ୬ ଓ ୭ ତାରିଖରେ ଇଚ୍ଛାପୁର ନିକଟସ୍ଥ ଷ୍ଟାଡିୟମରେ ମହିଳାମାନଙ୍କ ନିମନ୍ତେ ଯୋଗାଭ୍ୟାସ, ଶାରୀରିକ ଓ ମାନସିକ ସାମର୍ଥ୍ୟ, ପୋଷଣ, ସ୍ୱସୁରକ୍ଷା ନିମନ୍ତେ ଜୁଡୋ, କରାଟେ, ବକ୍ସିଂ ଆଦି ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି। ୮ ତାରିଖରେ ଡେରାବିଶ ମିନି ଷ୍ଟାଡିୟମରେ ୧୩ ବର୍ଷରୁ କମ, ୧୩ରୁ ୧୮ବର୍ଷ ଓ ୧୮ ବର୍ଷରୁ ଅଧିକା ବିଭିନ୍ନ ବର୍ଗର ଯଥା ସ୍କୁଲ, କଲେଜ, ଏସଏଚଜି, କର୍ମଜୀବୀ, ପୋଲିସଆଦି ବିଭାଗର ବାଳିକା ଓ ମହିଳାମାନେ ମାରାଥନ, ଦୌଡ, କୌତୁକ ପ୍ରତିଯୋଗିତାରେ ଭାଗ ନେଇ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ। ଏହି ସମସ୍ତ କାର୍ଯ୍ୟକ୍ରମ ସକାଳ ୬.୩୦ ମିନିଟ ଠାରୁ ୯.୩୦ମିନିଟ ସମୟ ମଧ୍ୟରେ ଅନୁଷ୍ଠିତ ହେବ ।ସୂଚନା ଯୋଗ୍ୟ ଯେସାରା ଭାରତରେ ୨୫୦ ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ଆମ ରାଜ୍ୟରେ ୭ ଟି ଜିଲ୍ଲାରେ ଅନୁଷ୍ଠିତ ହେବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ, ଡିପିସି (ମମତା) ମନୋରଞ୍ଜନ ଦାସ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ମଦ ବୋତଲ ମାଡ଼ରେ ଯୁବକ ଗୁରୁତର

ଅନୁଗୋଳ,୭/୩(ନି/ପ୍ର): ଅନୁଗୋଳ ଜିଲ୍ଲା କୁଶାସିଙ୍ଗା ଗାଁରେ ଅଘଟଣ। ମଦ ବୋତଲ ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ଡମ୍ବରୁଧର ରାଉତଙ୍କ ପୁଅ ନିଗମ ରାଉତ (୨୦) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଦିନ ହୋଲି ପର୍ବ ପାଳନ ହେଉଥିବା ବେଳେ ଗାଁ ରେ ସାଙ୍ଗ ମାନଙ୍କ ସହିତ ଭୋଜି ଭାତ ସହିତ ନାଚଗୀତ ଚାଲୁଥିଲା। ହଠାତ୍ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ଯାହାଫଳରେ କିଛି ଦୁର୍ବୃତ ନିଗମଙ୍କୁ ଏକ ବିଅର ବୋତଲ ରେ ପେଟକୁ ଭୁଷି ଦେଇଥିଲେ। ତୁରନ୍ତ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

ବିବିଧା

ଆଜିର ରାଶିଫଳ

ମେଷ: ଆଜିଦିନଟି ଶୁଭଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ବାସିଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

ବୃଷ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

ମିଥୁନ: ଅଚାନକ ଖୁସି ଖବର ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କର୍କଟ: ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

ସିଂହ: କର୍ମ ଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ତର୍କରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରି ପାରନ୍ତି।

କନ୍ୟା: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିପାରେ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

ତୁଳା: ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

ବିଛା: ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ପର୍କ ମଜବୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

ଧନୁ: ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ପ୍ରଭାବକ କାମ କଲେ ଭଲ।

ମକର: ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କୁମ୍ଭ: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ମୀନ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

ଆଜିର ଇତିହାସ

- ୧୪୩୧- ଫ୍ରାନ୍ସରେ 'ଜୋନ୍ ଅଫ୍ ଆର୍କ'ଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ।
- ୧୭୯୩- ବିଶ୍ୱର ପ୍ରଥମ ହଟ୍ ଏୟାର ବେଲୁନ୍ ଆମେରିକାର ଫିଲାଡେଲଫିଆରୁ ଉଡ଼ାଣ ଆରମ୍ଭ କଲା।
- ୧୯୧୫- ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ମୁମ୍ବାଇରେ ପହଞ୍ଚିଲେ।
- ୧୯୮୨- ପ୍ରଥମ ଭାରତୀୟ ବୈଜ୍ଞାନିକ ଦଳ ଆଣ୍ଟାର୍କଟିକାରେ ପହଞ୍ଚିଲେ।

ପ୍ରବାସୀ ଭାରତୀୟ ଦିବସ

ଭାରତର ବିକାଶରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାନୁଆରୀ ୯ ତାରିଖକୁ 'ପ୍ରବାସୀ ଭାରତୀୟ ଦିବସ' ଭାବେ ପାଳନ କରାଯାଏ। ୧୯୧୫ ଜାନୁଆରୀ ମାସର ଏହି ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଆଫ୍ରିକାରୁ ସ୍ୱଦେଶ ଫେରିଥିଲେ। ତେଣୁ ଏହି ଦିନରେ ଏହି ଦିବସ ପାଳନ କରିବା ପାଇଁ ବାଜପେୟୀ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ଚିନ୍ତାଧାରା ସ୍ୱର୍ଗୀୟ ଲକ୍ଷ୍ମୀମଲ୍ଲ ସିଂଘିଙ୍କ ପରିକଳ୍ପନା ଥିଲା। ୨୦୦୩ରେ ନୂଆଦିଲ୍ଲୀରେ ପ୍ରଥମ ଥର ପାଇଁ 'ପ୍ରବାସୀ ଭାରତୀୟ ଦିବସ' ପାଳନ କରାଯାଇଥିଲା। ୨୦୦୩ରୁ ଏହାକୁ ପ୍ରତିବର୍ଷ ପାଳନ କରାଯାଉଥିଲା। ୨୦୧୫ରେ କିନ୍ତୁ ଏହି ଦିବସ ଦୁଇ ବର୍ଷରେ ଥରେ ପାଳନର ପ୍ରସ୍ତାବ ରଖାଯାଇଥିଲା। ଏହି ଉପଲକ୍ଷେ 'ପ୍ରବାସୀ ଭାରତୀୟ ସମ୍ମାନ' ପ୍ରଦାନ କରାଯାଏ। ଦେଶ ଉନ୍ନତିରେ ପ୍ରବାସୀଙ୍କ ଯୋଗଦାନ ଖୁବ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ଦେଶର ନାଗରିକ କାମର ସନ୍ଧାନରେ ନିଜ ଦେଶ ଛାଡ଼ି ଯେତେବେଳେ ଅନ୍ୟ ଦେଶକୁ ଯାଆନ୍ତି ସେମାନଙ୍କୁ 'ପ୍ରବାସୀ' ବୋଲି କୁହାଯାଏ। ଅନ୍ୟପଟେ ଦେଶ ବାହାରୁ ଯାଇ କାମ କରୁଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା, ଅଧିକାର ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ବିଦେଶରେ ଥିବା ଅନେକ ଭାରତୀୟ, ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଦେଶର ପରିଚୟକୁ ଆଗକୁ ବଢ଼ାଉଛନ୍ତି। ସେମାନଙ୍କୁ ସମ୍ମାନ ଜଣାଇବା ସହ ବିଦେଶରେ ରହୁଥିବା ପ୍ରତିଟି ଭାରତୀୟଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ଜାତିସଂଘର ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ସବୁଠୁ ଅଧିକ ପ୍ରବାସୀ ଭାରତୀୟ ଅଛନ୍ତି। ଏହି ଦିନ ପ୍ରବାସୀ ଭାରତୀୟଙ୍କ ସଫଳତା ବାବଦରେ ଭାରତବାସୀଙ୍କୁ ଅବଗତ କରାଯାଏ। ସେହିପରି ଭାରତର ଯୁବପିଢ଼ିଙ୍କୁ ପ୍ରବାସୀଙ୍କ ସହ ଯୋଡ଼ିବା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ। ଏତଦ୍‌ବ୍ୟତୀତ ବିଦେଶରେ ରହୁଥିବା ଭାରତୀୟ ଶ୍ରମିକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଏ। ଏହି ଅବସରରେ ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟଙ୍କୁ ଏହି ଅବସରରେ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଏ।

ଅଶୁଭ ଗୀତ

ସଙ୍ଗୀତ କେବଳ ମାନସିକ ଶାନ୍ତି ପ୍ରଦାନ କରେ ନାହିଁ ବରଂ ଆମକୁ ଖୁସି ରଖିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେଉଁ ଶବ୍ଦ ଖୁସିରେ କହେଇ ପାରେ, ଦୁଃଖରେ କନ୍ଦେଇ ପାରେ ତାହା ହିଁ ସଙ୍ଗୀତ। ତେଣୁ ସୁଖ ହେଉ ବା ଦୁଃଖରେ ଲୋକେ ଗୀତ ଶୁଣିଥାନ୍ତି। ହେଲେ ଏମିତି ଏକ ଗୀତ ରହିଛି ଯାହାକୁ ଶୁଣି ଲୋକେ ଆତ୍ମହତ୍ୟା କରି ଦେଉଥିଲେ। ଏହି ଗୀତକୁ ବିଶ୍ୱର ସବୁଠୁ ଅଶୁଭ ଗୀତ ଭାବେ ବିବେଚନା କରାଯାଏ। 'ଗ୍ଲୁମି ସଣ୍ଡେ' ନାଁରେ ଜଣାଶୁଣା ଏହି ଗୀତଟିକୁ ୧୯୩୩ ମସିହାରେ ହଙ୍ଗେରୀର ପ୍ରସିଦ୍ଧ କଣ୍ଠଶିଳ୍ପୀ ରେଜୋ ସେରେସ ଏବଂ ଲେଜଲୋ ଲେଖିଥିଲେ। ୧୯୩୫ ମସିହାରେ ଗୀତଟି ରିଲିଜ୍ ହେବାର କିଛି ସମୟ ପରେ ଜଣେ ବ୍ୟକ୍ତି ଏହି ଗୀତ ଶୁଣି ଆତ୍ମହତ୍ୟା କରିଥିଲେ। ମରିବା ପୂର୍ବରୁ ସେ ତାଙ୍କ ନୋଟ୍ ପ୍ୟାଡ୍‌ରେ ଏହି ଗୀତଟି ବିଷୟରେ ଉଲ୍ଲେଖ କରିଥିଲେ। କେବଳ ସେତିକି ନୁହେଁ, ଏହି ଗୀତର ସଂଯୋଜନା କରିଥିବା ବ୍ୟକ୍ତିଙ୍କର ଭାବି ପତ୍ନୀ ମଧ୍ୟ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହାପରେ ଏହି ଗୀତକୁ ନେଇ ବହୁତ ଚର୍ଚ୍ଚା ହେବାକୁ ଲାଗିଲା। ଏହି ଗୀତଟି ପ୍ରେମରେ ହୃଦୟ ଭାଙ୍ଗିବା ଏବଂ ଏକାକୀତ୍ୱ କାହାଣୀ ବଖାଣି ଥାଏ। ଗୀତର ବୋଲଗୁଡ଼ିକ ଶୁଣି ଜଣେ ବ୍ୟକ୍ତି ନିଜର ଯନ୍ତ୍ରଣାକୁ ମନେ ପକାଇ ମାନସିକସ୍ତରରେ ଦୁର୍ବଳ ହୋଇ ପଡ଼ୁଥିଲେ। ୧୯୬୮ ମସିହାରେ ଗୀତ ଲେଖିଥିବା ରେଜୋ ସେରେସ୍ ନିଜେ ବି ଆତ୍ମହତ୍ୟା କରିଥିଲେ। ପରେ ପରେ ଭିନ୍ନ ଭିନ୍ନ ଦେଶରେ ଏହି ଗୀତ ସହିତ ଜଡ଼ିତ ଅନେକ ମୃତ୍ୟୁ ମାମଲା ସାମ୍ନାକୁ ଆସିଲା। ଲଗାତାର ଏହି ଗୀତ ଯୋଗୁ ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବା ପରେ ଅନେକ ସ୍ଥାନରେ ଏହାକୁ ଦୀର୍ଘ ୬୨ ବର୍ଷ ପର୍ଯ୍ୟନ୍ତ ନିଷିଦ୍ଧ କରାଗଲା। ସ୍ଥିତି ଟିକେ ଭଲ ହେବାରୁ ୨୦୦୩ ମସିହାରେ ଏହାକୁ ବିବାଦୀୟ ଗୀତରୁ ନିଷେଧ ପ୍ରତ୍ୟାହାର କରାଯାଇଥିଲା। ଆଜି ବି ଏହି ଗୀତର କାହାଣୀ ଲୋକଙ୍କୁ ଭୟଭୀତ କରିଥାଏ।

୨୦୨୭ରେ 'ବାରାଣସୀ'

ଚଳିତବର୍ଷ ଯେଉଁ ଫିଲ୍ମ ତିନୋଟିକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ରଣବୀର କପୁରଙ୍କ 'ରାମାୟଣ', ମହେଶ ବାବୁଙ୍କ 'ବାରାଣସୀ' ଓ ଅଲ୍ଲୁ ଅର୍ଜୁନ୍‌ଙ୍କ 'A6xA22'। ସବୁଠୁ ବଡ଼ କଥା ହେଉଛି, ଏହି ଫିଲ୍ମଗୁଡ଼ିକ ସେମାନଙ୍କର ବଜେଟ୍ ପାଇଁ ଅଧିକ ଚର୍ଚ୍ଚାରେ। ଏସ୍ ଏସ୍ ରାଜମୌଳିଙ୍କ ଫିଲ୍ମ 'ବାରାଣସୀ'ର ବଜେଟ୍ ରହିଛି ୧୩୦୦ କୋଟି। ଏଥିରେ ମହେଶ ବାବୁ ଓ ପ୍ରିୟଙ୍କା ଚୋପ୍ରା ଲିଡ୍ ରୋଲରେ ନଜର ଆସିବେ। ପୃଥ୍ୱୀରାଜ ସୁକୁମାରନ୍ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଏହି ଫିଲ୍ମକୁ ନେଇ ଅନେକ ସମୟରେ ଖବର ଆସୁଥିବାବେଳେ ଏହାର ରିଲିଜ୍ ସମ୍ପର୍କରେ ଏବେ ଜଣାପଡ଼ିଛି। 'ବାରାଣସୀ'କୁ ଏପ୍ରିଲ୍ ୯, ୨୦୨୭ରେ ରିଲିଜ୍ କରିବା ପାଇଁ ଏହାର ପ୍ରଯୋଜକ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ରାମ ନବମୀକୁ ଆଖି ଆଗରେ ରଖି ଏହାର ପ୍ରଯୋଜକ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ଏନେଇ ବିଧିବଦ୍ଧ ଭାବେ କିଛି ସୂଚନା ଆସି ନାହିଁ। ଏହି ଫିଲ୍ମ ପାଇଁ ମହେଶବାବୁ ପାରିଶ୍ରମିକ ବାବଦରେ ଟଙ୍କାଟିଏ ବି ନେଇ ନାହାନ୍ତି। ଅବଶ୍ୟ ସେ ଫିଲ୍ମର ଲାଭରୁ ସେୟାର୍ ନେବେ। ପ୍ରିୟଙ୍କା ଏଥିରେ ପାରିଶ୍ରମିକ ବାବଦକୁ ୩୦ କୋଟି ନେଇଥିବା ଚର୍ଚ୍ଚା ହେଉଛି।

ୟୁଏସିଆର୍ ଟେଷ୍ଟ

ବୃକ୍କ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ରକ୍ତ ସଫା କରିଥାଏ। କୌଣସି କାରଣରୁ ଏହା ଖରାପ ହେଲେ ପରିସ୍ରାରେ ପ୍ରୋଟିନ୍ ଆସିଥାଏ। ତେଣୁ ବୃକ୍କଜନିତ ରୋଗ ଚିହ୍ନଟ ପାଇଁ ୟୁଏସିଆର୍ (ୟୁରିନ୍ ଆଲବୁମିନ୍-ଟୁ-କ୍ରିଏଟିନାଇନ୍ ରେସିଓ) ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା।

ଉଚ୍ଚ ରକ୍ତଚାପ ଓ ମଧୁମେହ ପରି ରୋଗ ନିୟନ୍ତ୍ରଣରେ ନ ରହିଲେ ବୃକ୍କ ପ୍ରଭାବିତ ହୁଏ। ଅନ୍ୟାନ୍ୟ କାରଣରୁ ବୃକ୍କଜନିତ ସମସ୍ୟା ହେଲେ ଏହାର କାର୍ଯ୍ୟକ୍ଷମତା ଜାଣିବାକୁ ୟୁଏସିଆର୍ ପରୀକ୍ଷା କରାଯାଏ। ଏହା ଏକ ମୂତ୍ର ପରୀକ୍ଷା। ପରିସ୍ରାରେ ଆଲବୁମିନ୍ ନାମକ ପ୍ରୋଟିନ୍ ରହିଲେ ବୃକ୍କ ଖରାପର ସଙ୍କେତ ଦିଏ। ତେଣୁ ମୂତ୍ରରେ ପ୍ରୋଟିନ୍ (ଆଲବୁମିନ୍) ଏବଂ ବର୍ଜ୍ୟ ଉତ୍ପାଦ (କ୍ରିଏଟିନିନ୍) ସ୍ତର ରହିଛି କି ନାହିଁ ଯାଞ୍ଚ କରିବାକୁ ଏହି ପରୀକ୍ଷା କରାଯାଇଥାଏ। ଏହି ଅନୁପାତ ବୃକ୍କ ରକ୍ତରୁ ପ୍ରୋଟିନ୍ ସଠିକ୍ ମାତ୍ରାରେ ଛାଣି ପାରୁଛି କି ନାହିଁ ତାହା ଜଣାଏ। ବୃକ୍କର ସ୍ୱାସ୍ଥ୍ୟାବସ୍ଥାକୁ ମଧ୍ୟ ସୂଚାଇଥାଏ। ଗମ୍ଭୀର ରୋଗାବସ୍ଥାକୁ ପ୍ରାରମ୍ଭିକସ୍ତରରୁ ଚିହ୍ନଟ ପାଇଁ ମଧ୍ୟ ଏହି ପରୀକ୍ଷା କରାଯାଇଥାଏ। ତେବେ ୩୦ଏମ୍‌ଜି/ଜିରୁ ଉପରସ୍ତରକୁ ସାଧାରଣସ୍ତରଠାରୁ ଅଧିକ ମନାଯାଏ। ତେଣୁ ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କରିବା ଆବଶ୍ୟକ।

ପିଲାଙ୍କୁ ବି ଉଚ୍ଚ ରକ୍ତଚାପ !

'ସକାଳ'ର ସ୍ୱାସ୍ଥ୍ୟ

ଅତ୍ୟାଧୁନିକ ଜୀବନଶୈଳୀ, ଖାଦ୍ୟପେୟରେ ଅସାବଧାନତା, ଦୁଶ୍ଚିନ୍ତା ଆଦି ଯୋଗୁଁ ଅଧିକାଂଶ ଉଚ୍ଚ ରକ୍ତଚାପରେ ପୀଡ଼ିତ। ବୟସ୍କଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ଚିନ୍ତାର ବିଷୟ ମେଦବହୁଳତା, ଜଙ୍କଫୁଡ୍ ସେବନ, ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ ପିଲାମାନେ ବି ଉଚ୍ଚ ରକ୍ତଚାପର ଶିକାର ହୋଇପାରନ୍ତି।

ପିଲାଙ୍କଠାରେ ଆରମ୍ଭରୁ ଲକ୍ଷଣ ଜଣାପଡ଼େନି। କେବେ କେବେ ମୁଣ୍ଡବିନ୍ଧା, ଅସ୍ଥିରପଣ ଦେଖାଯାଏ। ଏହାକୁ ଅଣଦେଖା କଲେ, ହୃତ୍‌ପିଣ୍ଡ, ମସ୍ତିଷ୍କଜନିତ ସମସ୍ୟା ହୁଏ। ସର୍ବେକ୍ଷଣ ଅନୁସାରେ, ପ୍ରୋସେସ୍ଡ ଏବଂ ଜଙ୍କଫୁଡ୍‌ରେ ଥିବା ଲୁଣ ଓ ଶର୍କରା ସେବନ ଯୋଗୁ ପ୍ରତି ପାଞ୍ଚରୁ ଜଣେ ପିଲା ମେଦବହୁଳତାର ଶିକାର ହୋଇଥାନ୍ତି। ପରିବା ନ ଖାଇବା, ଫୋନ୍ ବ୍ୟବହାର, ବଂଶାନୁଗତ ରୋଗ, ବୃକ୍କ କିମ୍ବା ହୃଦ୍‌ଜନିତ ସହ ଜଡ଼ିତ ଜନ୍ମଗତ ସମସ୍ୟା ଥିବା ପିଲାଙ୍କୁ ଏହି ରୋଗ ଆଶଙ୍କା ଅଧିକ। ୧୦ ବର୍ଷ ଦ୍ୱାରା ପିଲାଙ୍କ ହୃତ୍‌ପିଣ୍ଡର ମାଂସପେଶୀ ମୋଟା ହୁଏ। କିଶୋରାବସ୍ଥାରେ ଧମନୀରେ ପ୍ଲାକ୍ ଜମି ଭବିଷ୍ୟତରେ ଷ୍ଟ୍ରୋକ, ମଧୁମେହ ଆଶଙ୍କାକୁ ବଢ଼ାଏ। ତେଣୁ ଆରମ୍ଭରୁ ରୋଗ ଚିହ୍ନଟ କରି ପିଲାଙ୍କୁ ସନ୍ତୁଳିତ ଖାଦ୍ୟ ଦେବା ଜରୁରି। ନିୟମିତ ବ୍ୟାୟାମ ଓ ଆବଶ୍ୟକସ୍ଥଳେ ଚିକିତ୍ସା ଦ୍ୱାରା ଏହି ସମସ୍ୟା କିଛି ମାତ୍ରାରେ ଏଡ଼ାଇ ଦିଆଯାଇପାରେ।

ଥାଲାସେମିଆ ପାଇଁ ନୂତନ ଔଷଧ

ଥାଲାସେମିଆ ଏକ ପ୍ରମୁଖ ସମସ୍ୟା। ଏହା ବଂଶାନୁଗତ ରୋଗ ତଥା ରକ୍ତସହିତ ଜଡ଼ିତ ରୋଗ। ଏହା ଯୋଗୁ ଶରୀରରେ ହିମୋଗ୍ଲୋବିନ୍ (ଲୋହିତ ରକ୍ତକଣିକାରେ ଥିବା ପ୍ରୋଟିନ୍) ସୃଷ୍ଟି ହୋଇପାରେ ନାହିଁ। ଲୋହିତ ରକ୍ତକଣିକା ଶୀଘ୍ର ନଷ୍ଟ ହୋଇଯାଏ। ରକ୍ତାଭାବରୁ ଥକ୍କା, ଦୁର୍ବଳ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ପୀଡ଼ିତଙ୍କୁ ପ୍ରତିମାସ ରକ୍ତ ଦିଆ ଯାଇଥାଏ। ଖୁସିର କଥା, ଥାଲାସେମିଆ ପୀଡ଼ିତଙ୍କ ପାଇଁ ପ୍ରଥମ ଥର ଓରାଲ ଡ୍ରଗ୍ ଆସିଛି। ଏହାର ନାଁ ମିଟାପିଭେଟ୍ ରହିଛି। ଆମେରିକା ଖାଦ୍ୟ ଏବଂ ଔଷଧ ପ୍ରଶାସନ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ଔଷଧ ଆଲଫା ଥାଲାସେମିଆ ଏବଂ ବିଟା-ଥାଲାସେମିଆ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯିବ। ପୀଡ଼ିତଙ୍କୁ ବାରମ୍ବାର ରକ୍ତ ନେବାକୁ ପଡ଼ିବନି। ଏହି ଔଷଧ ଶରୀରର ପାଇରୁଭେଟ୍ କାଇନେଜ୍ ନାମକ ଏନ୍‌ଜାଇମ୍‌କୁ ସକ୍ରିୟ କରିବ। ଲୋହିତ ରକ୍ତ କଣିକାକୁ ନଷ୍ଟ ହେବାରୁ ବଞ୍ଚାଇବ। ଏହା ହିମୋଗ୍ଲୋବିନ୍‌ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରିବ। ଏହି ଔଷଧ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅଧିକ ଗବେଷଣା କରୁଛନ୍ତି। ଏହା ଫଳପ୍ରଦ ହେଲେ ଆଗାମୀ ଦିନରେ ଥାଲାସେମିଆ ପୀଡ଼ିତଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ।

କମ୍ ବୟସରୁ କେଶ ଧଳାର କାରଣ

ବୟସ ବଢ଼ିଲେ କେଶ ଧଳା ହୁଏ। ବର୍ତ୍ତମାନ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ କେଶ ଧଳା ହେଉଛି। ବଂଶାନୁଗତ ରୋଗ, ପ୍ରଦୂଷଣ, ଚାପ, ହରମୋନ୍ ଅସନ୍ତୁଳନ, ପୋଷଣର ଅଭାବ ଆଦି କେଶ ଧଳା ହେବାର ମୁଖ୍ୟ କାରଣ।

ପ୍ରଦୂଷଣ ଏବଂ ଅକ୍ସିଡେଟିଭ ଚିନ୍ତା କେଶ ମୂଳକୁ କ୍ଷତି ପହଞ୍ଚାଏ। ଫଳରେ ମେଲାନିନ କ୍ଷରଣ ଯୋଗୁଁ କେଶର ପ୍ରାକୃତିକ ରଙ୍ଗରେ ପରିବର୍ତ୍ତନ ହୁଏ। ସେହିପରି ହରମୋନ ଅସନ୍ତୁଳନ ମଧ୍ୟ ଯୁବାଙ୍କଠାରେ କେଶ ଧଳା କରିବାର ମୁଖ୍ୟ କାରଣ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଖାଦ୍ୟପେୟ କେଶ ଧଳା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପ୍ରୋସେସ୍ଡ ଖାଦ୍ୟରେ ପୋଷକତତ୍ତ୍ୱ କମ୍ ଥାଏ। ଏହାଦ୍ୱାରା କେଶରେ ପୋଷଣ, ଭିଟାମିନ୍ ଏବଂ ମିନେରାଲ ଅଭାବରୁ ମେଲାନିନ୍ ନଷ୍ଟ ହୁଏ। କେଶ ଧଳା ହୁଏ। ରାସାୟନିକଯୁକ୍ତ ଉତ୍ପାଦ ଯଥା-ସାମ୍ପୋ, ହେୟାର ଡାଇ, ଷ୍ଟାଇଲିଂ ଉତ୍ପାଦରେ ସଲଫେଟ୍, ପାରାବେନ୍ ପରି କ୍ଷତିକାରକ ରାସାୟନିକ କେଶର ପ୍ରାକୃତିକ ରଙ୍ଗକୁ ନଷ୍ଟ କରେ। ବିଶେଷ କରି ଭିଟାମିନ୍ ବି ୧୨, ବି ୫ ଅଭାବରୁ କେଶ ଜନିତ ସମସ୍ୟା ଦେଖାଦିଏ। ଏଥିରୁ ବର୍ତ୍ତିବା ପାଇଁ ଲୌହସାର, ଜିଙ୍କ୍, ଫଲିକ ଏସିଡ୍, ଭିଟାମିନ୍ ଡି-୩', ସବୁଜ ପନି ପରିବା, ଡ୍ରାଏଫ୍ରୁଟ, ବିଟ୍, ଦୁଗ୍ଧ ଜାତୀୟ ଖାଦ୍ୟ, ଅଁଳା, ଲେମ୍ବୁ ଆଦି ସେବନ କରିପାରିବେ। ଏହାସହ ଚିନ୍ତାମୁକ୍ତ ରହିବା ଜରୁରି। ଅଚାନକ କେଶ ଧଳା ହେଉଥିଲେ, ଥାଇରଏଡ୍ ଏବଂ ହରମୋନ୍ ପରୀକ୍ଷା କରାଇ ପାରିବେ।

ସୁସ୍ୱାସ୍ଥ୍ୟ ପାଇଁ ଅଳେଇଚ ପାଣି

ଆୟୁର୍ବେଦରେ ବଡ଼ ଅଳେଇଚ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି, ବି-୩, ବି୬, ବି୩, କ୍ୟାଲସିୟମ୍, ଆଣ୍ଟିଇନ୍‌ଫ୍ଲାମେଟରୀ ଗୁଣ ଥାଏ। ତେଣୁ ସୁସ୍ୱାସ୍ଥ୍ୟ ପାଇଁ ସକାଳୁ ଖାଲି ପେଟରେ ବଡ଼ ଅଳେଇଚ ପାଣି ପିଇବା ହିତକର।

ବଡ଼ ଅଳେଇଚକୁ ୪ରୁ ୫ ମିନିଟ୍ ଫୁଟାଇ କପ୍‌ରେ ଛାଣି ଅଳ୍ପ ମହୁ ମିଶାଇ ପିଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। କୋଷ୍ଠକାଠିନ୍ୟ, ବଦହଜମି ତଥା ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ମୁଖ ଗହ୍ୱର ଦୁର୍ଗନ୍ଧ ଦୂର କରିଥାଏ।

ଏହା ରକ୍ତଚାପ ନିୟନ୍ତ୍ରଣ, ଫୁସ୍‌ଫୁସ୍‌ରୁ ବିଷାକ୍ତ ପଦାର୍ଥ ବାହାର କରିପାରେ। ଓଜନ କମାଏ। ଏହାର ନିୟମିତ ସେବନ ଦ୍ୱାରା ଚିନ୍ତା ଦୂର ହୁଏ। ଚିକିତ୍ସକଙ୍କ ପରାମର୍ଶରେ ସପ୍ତାହକୁ ୩ରୁ ୪ ଦିନ ପିଇପାରିବେ। ଗର୍ଭବତୀ ମହିଳା, ପେଟ ରୋଗ, ଆଲର୍ଜି, ସର୍ଜରୀ ପୂର୍ବ ତଥା ପରେ, ନିମ୍ନ ରକ୍ତଚାପ ପୀଡ଼ିତ ଏହାକୁ ସେବନ କରିବା ଅନୁଚିତ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୮ ମାର୍ଚ୍ଚ ୨୦୨୬

ସର୍ବଜ୍ଞାନେ ଧୂରୀଣ ରାମଲକ୍ଷ୍ମଣ

ବର୍ତ୍ତମାନର ଆଧୁନିକ ଯୁଗ ଯେ ଏକ ଭିନ୍ନି ଉପରେ ପ୍ରତିଷ୍ଠିତ ଏହା ଭୁଲ ନୁହେଁ । ଆଜି ଉଡାଜାହାଜ ମାଳମାଳ, ଯୁଦ୍ଧ ବିମାନ ଅନେକ ଧାରଣର ଦେଖିବାକୁ ମିଳୁଛି ହେଲିକାପ୍ଟର ନେକ ଧନୀଙ୍କ ଯାତ୍ରା ଯାନ ହେଲାଣି । ବହୁ ପୋଲ ସେତୁ ଲୋକଙ୍କୁ ଦୁର୍ଗମ ନଦୀ ବା ପାହାଡ଼ ଏପାଖ ସେପାଖ କରିବାରେ ସହାୟକ । ଯୁଦ୍ଧରେ ପଦାତିକ ସେନାଙ୍କୁ ଆକାଶରୁ ଆକ୍ରମଣ କରାଯାଉଛି, ଜଳମାର୍ଗରେ ସୁଡ଼ଙ୍ଗ ପଥରେ ଯାନ ଚଳିଲାଣି । ଏହିସବୁ ପ୍ରାଚୀନ ପନ୍ଥାର ସଂସ୍କାର କରାଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । କେତେ ପ୍ରକାରର ଯୁଦ୍ଧ ହୋଇପାରେ ଆଉ ଶତ୍ରୁର ଯୁଦ୍ଧ ଅସ୍ତ୍ରକୁ କେମିତିକା ପଣ୍ଡ କରାଯାଇପାରେ ଏହା ବି ଅତୀତରେ ଥିଲା । ଦାଶରଥି ରାମ ଓ ତାଙ୍କ ଅନ୍ୟ ତିନି ଅନୁଜ ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଏହି ଚାରିଜଣଙ୍କୁ ରାଜମହଲରୁ ଦୂରେଇ ରଖି ଦାଶରଥ ଜଙ୍ଗଲରେ ବଶିଷ୍ଠଙ୍କ ଜଙ୍ଗଲ ଆଶ୍ରମରେ ରାଜ୍ୟ ପରିଚାଳନା ପାଇଁ ଅତି ଦରକାର ଆସିବା ପାଠ ପାଇଁ ରାଜମହଲର ରାଜସିକ ଅନ୍ନ ବ୍ୟଞ୍ଜନ, ରାଜସିକ ପୋଷାକ ଦାସ ଦାସୀ ସବୁ ପରିତ୍ୟାଗ କରି ନିଜର ଦୈନନ୍ଦିନ କାର୍ଯ୍ୟ ନିଜେ କରିବା ଜାଣିବି ରାଜ ଓ ତାଙ୍କ ରାଣୀମାନେ ପୁଅଙ୍କୁ ଅଗମୀ ଜୀବନର ସିଦ୍ଧହସ୍ତ ପାଇଁ ମମତାକୁ ଚାପି ପଠାଇଥିଲେ । ବିଦ୍ୟା ଅଧ୍ୟୟନରେ ପ୍ରଥମେ ଯେ ପରିପଦ୍ଧତି ଅନୁସୃତ ହେଉଥିଲା ସେଥିରେଏକ ସାଥେ ଶାରୀରିକ ଅଭିବୃଦ୍ଧି ପାଇଁ ବ୍ରହ୍ମଚର୍ଯ୍ୟର ବ୍ରତ ଶୁଦ୍ଧ ସାତ୍ତ୍ୱିକ ଭୋଜନ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ, ନିତ୍ୟକର୍ମ ଝଟପଟରେ ଶେଷକରି ସମୁହ ପ୍ରାର୍ଥନା ପ୍ରାତଃ ବ୍ୟାୟାମରେ ନିମଗ୍ନ ତାପରେ ଜଳଖିଆ ଲଘୁ ଆହାର ପରେ ଗୁରୁଙ୍କ ସାନ୍ନିଧ୍ୟରେ ରହି ପ୍ରାକୃତିକ ପରିବେଶ ବୃକ୍ଷ ତଳେ ପାଠ ପଢ଼ା, ନିଜେ ନିଜର କାମ କରିବା, ବଗିଚା କାମ କରି ପନିପରିବା ଚାଷକରି ଭୋଜନ ପାଇଁ ଶାକ ଶବଜି ସଂଗ୍ରହ କରିବା ରୋଷାଇ ପାଇଁ ଜଙ୍ଗଲରୁ ନିତ୍ୟ କାଠ ସଂଗ୍ରହ କରି ଆଣିବା, ଗୋ ସେବା କରିବା ଗୋଗ୍ରାସ ସଂଗ୍ରହ କରିବା ଏହି ସେବାଗୁଡ଼ିକରେ ତାଲିମ ଓ ମୂଲ୍ୟବାନ ଶିକ୍ଷା ଗଭୀର ଭାବରେ ଜଡ଼ିତ ରହୁଥିଲା । ପଶୁସେବା ବୃକ୍ଷ ସେବାରେ ପ୍ରକୃତିକୁ କେମିତିକା ମାନବ ଜୀବନରେ ହିତରେ ଲଗାଯାଇପାରିବ ଏହା ଜଡ଼ିତ ଏହା ସହ ଗୋଷ୍ଠୀଗତ ଜୀବନ ଭାଇଚାରା ରକ୍ଷା, ସାମ୍ୟବାଦ ଜୀବନ ସହ ଗୁରୁ ସର୍ବସ୍ୱ ସମୟ କାଟିବା ଏହା କଦାପି ରାଜମହଲରେ ରହି କରାଯାଇ ନପାରେ । ରାଜ ଉପବନ କରିପାରନ୍ତି, କିନ୍ତୁ ବନ ଉପବନ ମଧ୍ୟରେ ଅନେକ ତଫାତ ବନ ଭଗବାନଙ୍କ କୃତି ଯହିଁରେ ତହିଁରେ ଜଳସେଚନ ଋତୁଚକ୍ରରେ ଦେବରାଜ ଇନ୍ଦ୍ର କରୁଛନ୍ତି ମାତ୍ର ଉପବନ ମାନବ ଚେଷ୍ଟାରେ ରାଜ ଧନରେ ହୋଇଛି । ଉପବନରେ ତପସ୍ୟା କେହି କରି ସିଦ୍ଧ ହୋଇଛି ଏମିତି ନାହିଁ । ବନ ତପସ୍ୟାର କ୍ଷେତ୍ର, ଏପରିକି ନିର୍ବାସନ ଦଣ୍ଡ ଉପବନରେ ନୁହେଁ ବନ ଗମନରେ ହେଉଥିଲା, ପୂର୍ବେ ମୁକ୍ତ କାରାଗାର ହିଁ ବନ ଜଙ୍ଗଲ ଥିଲା । ଜଙ୍ଗଲ ଅଧିବାସୀ ଜଙ୍ଗଲଜୀବ ପଶୁ ପକ୍ଷୀ ଜଙ୍ଗଲର ଫଳମୂଳ ପତ୍ର ଚେର ମୂଳ ସହକୁ ଜଙ୍ଗଲ ବାସରେ ଜାଣିହେବ, ଜଙ୍ଗଲରେ ବହୁଥିବା ନଦୀ ଝରଣା ଜଳର ଗୁଣ ଶାସ୍ତ୍ରୀୟ ମର୍ଯ୍ୟାଦା ସମ୍ପନ୍ନ ଏଥିରେ ଧାତବ ଲବଣ ସୂର୍ଯ୍ୟ କିରଣରେ ଥିବା ଅନେକ ଦିବ୍ୟ ତେଜ ଜ୍ୟୋତି, ବିଭିନ୍ନ ବନୌଷଧି ବୃକ୍ଷର ଚେର ସଂସ୍ପର୍ଶରେ ଆସିବାରୁ ଜଳ ମହାଔଷଧି ସଦୃଶ ଅତି ମୂଲ୍ୟବାନ । ଏସବୁରେ ରାମ ରାମାନୁଜ ମାନେ ଅଭ୍ୟସ୍ଥ ହେବା ସହ ଋଷିମାନେ ଚାରି ଭାଇଙ୍କୁ ରାଜ୍ୟ ପରିଚାଳନା ପାଇଁ ମ୍ୟାନେଜମେଣ୍ଟ ଗୁରୁ ରୂପେ ରାମଙ୍କୁ ରାଜକାର୍ଯ୍ୟ ପ୍ରଜାପାଳନ ରାଜ୍ୟକୁ ବାହ୍ୟ ଶତ୍ରୁ ଓ ରାଜ୍ୟ ମଧ୍ୟରେ ଶତ୍ରୁଙ୍କୁ କିପରି ସନ୍ଧି ବିଗ୍ରହରେ ଆୟତ୍ତ କରାଯାଇପାରିବ, ଶତ୍ରୁତା ଅବସାନ ପାଇଁ ଅନ୍ୟ ରାଜବଳ ସହାୟତା ନେବା ଏପରିକି ଅନେକ ଶିକ୍ଷା ଦେବାସହ, ଦୂରରୁ ବଳବାନ ଶତ୍ରୁକୁ ଭୟାତୁର କରି ରଖିବାପାଇଁ ଧନୁର୍ବେଦର ଧନୁ ସଂଚାଳନ ପ୍ରକ୍ରିୟା ଶିକ୍ଷା ଦିଆଯାଇଥିଲା । ଏହି ଧନୁ ବିଦ୍ୟାରେ ବର୍ତ୍ତମାନ ଉତକ୍ଷେପିତ ଅସ୍ତ୍ର ସମୂହର ମୂଳ ତନ୍ତ୍ର ଜଡ଼ିତ । ଅସ୍ତ୍ରକୁ ଅଗ୍ନୀ ସହ ଯୋଡ଼ି ଉତକ୍ଷେପଣ ଦ୍ୱାରା ଶତ୍ରୁ ବଳ ଦମନ କରିବା ସବୁ କୌଶଳ ରାମ ଶିକ୍ଷା କରିବା ସହ ଲକ୍ଷ୍ମଣ ଶିକ୍ଷା ପାଇଥିଲେ କାରଣ ରାଜ୍ୟ ଚଳାଇବାକୁ ରାଜା ଯେମିତି ଦରକାର ରାଜ୍ୟକୁ ଶତ୍ରୁର ଆକ୍ରମଣରୁ ରକ୍ଷା ସେନାନାୟକଙ୍କ କାମ, ଗୁରୁ ଲକ୍ଷ୍ମଣଙ୍କୁ ସେନାପତି ପାଇଁ ପ୍ରସ୍ତୁତ କରାଇଥିଲେ । ଭରତଙ୍କୁ ରାଜ ମୁଖ୍ୟ ସଚିବ ଭାବରେ କେତେ ବେଳେ କିପରି ରାଜାଙ୍କୁ ଶାସନରେ କେଉଁ ନୀତି ପ୍ରୟୋଗରେ ରାଜ୍ୟର ପ୍ରଜା, ଅନ୍ୟ ରାଜନ୍ୟ ବର୍ଗ, ରାଜ ପରିଷଦ, ଏମିତିକି ରାଜ ଅନ୍ତପୁରସ୍ଥ ପରିଜନ ମାନେ ରାଜ ଆନୁଗତ୍ୟ ହୋଇ ରହିପାରିବେ ଏହାର ଜଡ଼ ଦଣ୍ଡ, ଭେଦ, ଦାନ ଓ ସାମ୍ୟ ନୀତିରେ ଧୂରୀଣ କରାଇଥିଲେ । ଆହୁରି ଏକ ଜଟିଳ ସ୍ତର ରାଜ୍ୟ ପରିଚାଳନାରେ ଅଛି ଯାହାକୁ ଗୃହ ମନ୍ତ୍ରଣାଳୟ ଯହିଁରେ ରାଜ୍ୟର ଭିତରେ ଓ ରାଜମହଲ ମଧ୍ୟରେ ଏକ ଖଣ୍ଡ ବିପ୍ଳବ, ଗୁପ୍ତ ଶତ୍ରୁତା, ଚୋରୀ ରାଜହାନି, ପରସ୍ୱ ଅପହରଣ ରାଜକାନୁନ, ଧର୍ମନୀତିର ବିରୁଦ୍ଧରେ ଲୋକଙ୍କୁ ପ୍ରଭାବିତ କରି ଅଶାନ୍ତି, କଳାବଜାରୀ ମୁନଫାଖୋରର ଜଡ଼ ସୃଷ୍ଟିକର୍ତ୍ତାଙ୍କୁ ଦୃଢ଼ ହସ୍ତରେ ଦମନ କରି ରାଜ୍ୟ ଓ ରାଜାଙ୍କୁ ଶାନ୍ତିରେ ଶାସନ କରିବାକୁ ସାହାଯ୍ୟ ହେବା ବିଦ୍ୟା ଶିକ୍ଷା ଶତ୍ରୁଘ୍ନଙ୍କୁ ଶିକ୍ଷା ଦେଇଥିଲେ । ପ୍ରଥମରେ ସମସ୍ତେ ସମାନ ପାଠ ପଢ଼ିଲାପରେ ଅତିରିକ୍ତ ପାଠରେ ଚାରି ଭାଇଙ୍କୁ ଏପରି ଅଲଗା ଅଲଗା ଶିକ୍ଷା ଦିଆଯାଇଥିଲା । କୌଣସି ବିଷୟରେ ମୌଳିକ ଶିକ୍ଷିତ ଯେତେବେଳେ ତାଙ୍କ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହୁଅନ୍ତି ସେଠାରେ ଅଧ୍ୟୟନର ମୂଳ ବିଦ୍ୟାକୁ ପ୍ରୟୋଗ ଦୃଷ୍ଟେ କାମରେ ସଫଳ ହୁଅନ୍ତି, ପୁନଃ ଆଗତ ସମସ୍ୟା ଦୃଷ୍ଟେ ନୂଆ ନୂଆ ଉପାୟରେ ଅନ୍ୟ ସ୍ତର ସଂଯୋଗକାରୀ ହୁଅନ୍ତି । ସେହିପରି ଅଷ୍ଟସିଦ୍ଧିକୁ ପ୍ରତ୍ୟେକ ବିଦ୍ୟାର ଗୁରୁମାନେ ତାଙ୍କ ଶିଷ୍ୟ ବା ଛାତ୍ର ମାନଙ୍କୁ ଶିକ୍ଷା ଦେଇଥାନ୍ତି । ଏପରି ନବନିଧି ଆହରଣ ସବୁ ବିଦ୍ୟାରେ ଲୁଚି ରହିଛି, ଯେଉଁ ବିଦ୍ୟାର୍ଥୀଙ୍କ ବିଦ୍ୟା ସଠିକ ଓ ଉନ୍ନତ ଭାବରେ ହାସଲ ହୋଇଥାଏ ସେ ହିଁ ସରଳରେ ନିଧି ଓ ସିଦ୍ଧିକୁ ସ୍ୱ ଇଛାରେ ଆହରଣ କରିପାରନ୍ତି ଯଦି ଗୁରୁଙ୍କୁ ଠକି କେହି ନକଲ ଆଶ୍ରିତରେ ଡିଗ୍ରୀ, ଡିପ୍ଲୋମା, ଡକ୍ଟରେଟ ହାସଲ କରିଥିବେ ତେବେ ସରସ୍ୱତୀ ତାଙ୍କ ପାଇଁ ଦିନେ ଦୁଷ୍ଟା ଆଉ ତାଙ୍କ ସାଥି ଲକ୍ଷ୍ମୀ ରୁଷ୍ଟା ହୋଇପାରନ୍ତି, ଏକଥା କଲ୍ୟାଣକାରୀ ଗୁରୁମାନେ ଇଙ୍ଗିତ ଦେଇଥାନ୍ତି । ସେକାଳରେ ଆକାଶ ଯାନରେ ଆସି ଲୁଣ୍ଠନ କାର୍ଯ୍ୟ ପୁଣି ଭାବି ରାଜପତ୍ନୀ ପକ୍ଷାନ୍ତରେ ଜଣେ ପବିତ୍ରତା ନାରୀଙ୍କୁ ତାଙ୍କର ସ୍ୱାମୀ ସ ଦେବରଙ୍କୁକୁଟନୀତିରେ ଦୂରେଇ ଚୋରୀ କରିବା ଏକ ବିଶେଷ ଅପରାଧ କାନ ଶୁଣାରେ ଏକଦମ ନୂଆ, ଏହାକୁ ଅନୁସନ୍ଧାନ କିପରି ଅପହୃତାଙ୍କ ସନ୍ଧାନ କରି ଠିକ ସ୍ଥଳରେ ପହଞ୍ଚି ତାଙ୍କୁ ମୁକୁଳା ଯାଇପାରିବ ଏ ଭାବନା ତାଙ୍କର ଆସିଥିଲା । କୁଟୀର ପାଖରୁ ଅନେକ ସ୍ଥଳଯାଏ ପାଦ ଚିହ୍ନ ଖୋଜି

ଜଖମ ଇରାନ

ଯେହେତୁ ଆମେରିକା କିମ୍ବା ଇସ୍ରାଏଲ କେହିହେଲେ ଇରାନରେ ସସୈନ୍ୟ ପ୍ରବେଶ କରିବାକୁ ଚାହାନ୍ତି ନାହିଁ, ସେମାନେ ସିଧାସଳଖ ଭାବରେ ଏହାର କୌଣସି ପ୍ରତିକାର କରିପାରିବେ ନାହିଁ । ଯେମିତି କୁହାଯାଇଥାଏ, କେବଳ ଆକାଶରୁ ଆକ୍ରମଣ କରି ଶାସନ କ୍ଷମତାରେ ପରିବର୍ତ୍ତନ ଘଟାଯାଇ ପାରେନାହିଁ ।୨୦୦୩ରେ ଆମେରିକା ଯେତେବେଳେ ଇରାନର ପଡ଼ୋଶୀ ଦେଶ ଇରାକରେ ଏକଛତ୍ର ଶାସକ ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ କରିବା ଉଦ୍ଦେଶ୍ୟରେ ଅଭିଯାନ ଚଳାଇଥିଲା, ସେତେବେଳେ, ହୁସେନଙ୍କୁ ଶେଷରେ ଧରିବା ପାଇଁ ତାକୁ ଦୀର୍ଘ ନ' ମାସ ସମୟ ଲାଗିଥିଲା । ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିବାର ଚାରି ବର୍ଷ ବିତିଯିବା ପରେ ମଧ୍ୟ ରୁଷିଆ ସେ ଦେଶର ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କୁ ହତ୍ୟା କରିବାରେ ସଫଳ ହୋଇପାରି ନାହିଁ । ସାମରିକ ପରିସରରେ ତେଣୁ ଏହା ସହିତ ତୁଳନା କରାଯାଇ ଫେବ୍ରୁଆରି ଶେଷ ତାରିଖରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ଯେଉଁ ସଫଳତା ହାସଲ କରିପାରିଛନ୍ତି, ତାହାକୁ ଚମକପ୍ରଦ ରୂପେ ବିବେଚନା କରାଯାଉଛି । ସେମାନଙ୍କର ଏଇ ସଫଳତା ହେଲା- ଇରାନ ବିରୁଦ୍ଧରେ ଚଳିତ ଯୁଦ୍ଧ ଆରମ୍ଭର ମାତ୍ର ଗୋଟିଏ ଦିନ ମଧ୍ୟରେ ସେମାନେ ସେ ଦେଶର ସର୍ବମୟ କର୍ତ୍ତା ତଥା ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲା ଆଲି ଖାମେନେଇଙ୍କୁ ହତ୍ୟା କରିପାରିଛନ୍ତି । କେବଳ ଖାମେନେଇ ନୁହନ୍ତି, ଇସ୍ରାଏଲ ମଧ୍ୟ ଇରାନର ପ୍ରତିରକ୍ଷା ମନ୍ତ୍ରୀ, ସେନାଧ୍ୟକ୍ଷ, ଶକ୍ତିଶାଳୀ 'ଇସ୍‌ଲାମିକ୍ ରେଭଲ୍ୟୁସନାରି ଗାର୍ଡ କୋ'ର ମୁଖ୍ୟ ଓ ପ୍ରତିରକ୍ଷା ପରିଷଦର ମୁଖ୍ୟ ସମେତ ଅନେକ ନେତୃସ୍ଥାନୀୟ କର୍ମକର୍ତ୍ତାମାନଙ୍କର ନିଧନ ଘଟାଇଛି । କିନ୍ତୁ ନିଶ୍ଚିତ ରୂପେ ଚମକପ୍ରଦ ହୋଇଥିବା ଏଇ ଘଟଣାବଳୀ ସତ୍ତ୍ୱେ ଏଥିସହିତ ଯେ ବିଗତ ପ୍ରାୟ ଚାରି ଦଶନ୍ଧି ଧରି ଇରାନରେ ଶାସନ କ୍ଷମତାରେ ରହିଥିବା ଏକଛତ୍ର ଧର୍ମତନ୍ତ୍ରର ଅନ୍ତ ଘଟିଲା, ତାହା ବିଶ୍ୱାସ କରିବା ଘୋର ଭ୍ରମାତ୍ମକ ସାବ୍ୟସ୍ତ ହୋଇପାରେ । ଇରାନୀୟ ସଂବିଧାନ ଅନୁସାରେ ୮୮ ସଦସ୍ୟବିଶିଷ୍ଟ ମୁଲ୍ଲାମାନଙ୍କର ଏକ ବିଶେଷଜ୍ଞ ସଭା ହସ୍ତରେ ପରବର୍ତ୍ତୀ ସର୍ବୋଚ୍ଚ ନେତାଙ୍କୁ ଚୟନ କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଛି । କିନ୍ତୁ ତାହା ଘଟିବା ପର୍ଯ୍ୟନ୍ତ ସେ ଦେଶର ରାଷ୍ଟ୍ରପତି, ମୁଖ୍ୟ ବିଚାରପତି ଓ ଜଣେ ବରିଷ୍ଠ ମୁଲ୍ଲାଙ୍କୁ ନେଇ ଗଠିତ ଏକ ମଧ୍ୟବର୍ତ୍ତୀକାଳୀନ ନେତୃମଣ୍ଡଳୀ ଦେଶର ଶାସନ ଦାୟିତ୍ୱ ନିର୍ବାହ କରିବା ପାଇଁ ସଂବିଧାନରେ ବ୍ୟବସ୍ଥା କରାଯାଇଛି । ତେବେ ଏଇ ତିନି ଜଣ ମଧ୍ୟ ଜୀବିତ ଅଛନ୍ତି କି ନାହିଁ, କିମ୍ବା ସେମାନଙ୍କ ମଧ୍ୟରୁ କେତେଜଣ ଜୀବିତ ଅଛନ୍ତି, ତାହା ସ୍ପଷ୍ଟ ନୁହେଁ ।ଆକ୍ରମଣ ପୂର୍ବରୁ ଖାମେନେଇଙ୍କର କିଛି ଘଟିଲେ, ତାଙ୍କର ପୁତ୍ର ମୋଜ୍‌ତାବା ତାଙ୍କର ଉତରାଧିକାରୀ ରୂପେ କ୍ଷମତା ଆରୋହଣ କରିବେ ବୋଲି କୁହାଯାଉଥିଲେ ହେଁ, ଆକ୍ରମଣରେ ସେ ମଧ୍ୟ ପ୍ରାଣ ହରାଇଥିବା ବିଶ୍ୱାସ କରାଯାଉଛି । ଆକ୍ରମଣରୁ ବର୍ତ୍ତି ଯାଇଥିବା ଶାସକ ଗୋଷ୍ଠୀ କୌଣସି ଜଣେ ବରିଷ୍ଠ ମୁଲ୍ଲା କିମ୍ବା ସେମାନଙ୍କର ଏକ କମିଟି ହସ୍ତରେ ଶାସନ କ୍ଷମତା ଅର୍ପଣ କରିପାରନ୍ତି । ଏହା କିନ୍ତୁ ଜଣାଶୁଣା ଯେ ସେ ଦେଶରେ ଯାହା ହାତରେ ପ୍ରକୃତ କ୍ଷମତା ରହିଆସିଛି, ସେ ହେଉଛି ଉପରୋକ୍ତ 'ଇସ୍‌ଲାମିକ୍ ରେଭଲ୍ୟୁସନାରି ଗାର୍ଡ କୋର୍' ('ଆଇଆରଜିସି')- ସର୍ବମୟ ଶାସକଙ୍କର ସୁରକ୍ଷାବାହିନୀ । କିନ୍ତୁ ଉପରେ କୁହାଯାଇଥିବା ଭଳି ଆକ୍ରମଣରେ ଏହି ବାହିନୀର ଅନେକ ବରିଷ୍ଠ ସେନାପତିମାନଙ୍କର ମଧ୍ୟ ମୃତ୍ୟୁ ଘଟିଛି । ଏଥିସତ୍ତ୍ୱେ ଖାମେନେଇଙ୍କ ମୃତ୍ୟୁ ପରେ ମଧ୍ୟ ଇରାନ ପ୍ରତିଆକ୍ରମଣରୁ ନିବୃତ୍ତ ହେବା ପରିବର୍ତ୍ତେ ତା'ର ମୁଖ୍ୟ ଶତ୍ରୁ ଇସ୍ରାଏଲ ସମେତ କାତାର୍, ବାହରେନ୍, ଆବୁଧାବି, ଦୁବାଇ ଆଦି ନିଶାଣମାନଙ୍କ ଉପରେ କ୍ଷେପଣାସ୍ତ୍ର ବର୍ଷା କରିବାରେ ଲାଗିଛି । ଏଥିରୁ ଯାହା ମନେ ହୋଇଥାଏ, ତାହା ହେଲା, ଖାମେନେଇ ଏବଂ ଅନ୍ୟ ତୁଙ୍ଗ ଶାସକ ଓ ସେନାପତିମାନେ ଦୃଶ୍ୟପଟରୁ ଅନ୍ତର୍ହିତ ହୋଇଯିବା ପରେ ମଧ୍ୟ ସେଠାରେ ରଚନା କରାଯାଇଥିବା ବ୍ୟବସ୍ଥା ତଥାପି କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି । ଏଇ ବ୍ୟବସ୍ଥାର ବିଶେଷତ୍ୱ ହେଲା, ରାଜତନ୍ତ୍ରରେ ଦେଖାଯାଉଥିବା ଭଳି ଏହାର ଅସ୍ତିତ୍ୱ କୌଣସି ଜଣେ ମାତ୍ର ବ୍ୟକ୍ତି କିମ୍ବା ପରିବାର ଉପରେ ନିର୍ଭର କରି ନ ଥାଏ । ଡୋନାଲ୍ଡ ଟ୍ରମ୍ପ ଇରାନର ଜନସାଧାରଣଙ୍କୁ ତୁରନ୍ତ କ୍ଷମତା ଅକ୍ତିଆର କରିବା ପାଇଁ ଆହ୍ୱାନ ଦେଇଥିଲେ ହେଁ, 'ଆଇଆରଜିସି' ଓ କଠୋରପନ୍ଥୀମାନେ ତାହା ଘଟିବାକୁ ନ ଦେଇ ସେଥିପୂର୍ବରୁ କ୍ଷମତା ଦଖଲ କରିନେଇ ପାରନ୍ତି । ସେମାନେ ଖାମେନେଇଙ୍କ ନୀତିକୁ ବଜାୟ ରଖି ସେଠାରେ ଜନଅସନ୍ତୋଷ ଓ ବିଦ୍ରୋହକୁ ପୂର୍ବଭଳି ଦୃଢ଼ ହସ୍ତରେ ଦମନ କରିବା ଅବ୍ୟାହତ ରଖିପାରନ୍ତି । ଯେହେତୁ ଆମେରିକା କିମ୍ବା ଇସ୍ରାଏଲ କେହିହେଲେ ଇରାନରେ ସସୈନ୍ୟ ପ୍ରବେଶ କରିବାକୁ ଚାହାନ୍ତି ନାହିଁ, ସେମାନେ ସିଧାସଳଖ ଭାବରେ ଏହାର କୌଣସି ପ୍ରତିକାର କରିପାରିବେ ନାହିଁ । ଯେମିତି କୁହାଯାଇଥାଏ, କେବଳ ଆକାଶରୁ ଆକ୍ରମଣ କରି ଶାସନ କ୍ଷମତାରେ ପରିବର୍ତ୍ତନ ଘଟାଯାଇ ପାରେନାହିଁ । ଅବଶ୍ୟ ଏହାପରେ ବର୍ତ୍ତମାନ ରୁଗ୍ଣ ହୋଇ ପଡ଼ିଥିବା ଇରାନର ଅର୍ଥନୀତି ଆହୁରି ଦୁର୍ବଳ ହେବାକୁ ଲାଗିବ । ଅଶୋଧିତ ତୈଳ ରପ୍ତାନି ବାଧାପ୍ରାପ୍ତ ହେଲେ ତା'ର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିପଡ଼ିବ । ଏହାର ଏକ ଫଳସ୍ୱରୂପ ଇରାନ ସେ ଅଞ୍ଚଳର ବିଭିନ୍ନ ଦେଶରେ ସ୍ଥାପନ କରିଥିବା 'ହେଜବୁଲା', 'ହୁଥି', 'ହମାସ' ଆଦି ଭଳି ତା'ର କା' ଆତଙ୍କବାଦୀ ସଂଗଠନମାନଙ୍କୁ ଆଉ ସାମରିକ ଓ ଆର୍ଥିକ ସହାୟତା ଯୋଗାଇ ପୂର୍ବଭଳି ପରିପୁଷ୍ଟ କରିପାରିବ ନାହିଁ । ଏଇ ସଂଗଠନମାନଙ୍କର ସ୍ଥାପନକୁ ସେ ଅଞ୍ଚଳରେ ତଥା ବିଶେଷ କରି ଇସ୍ରାଏଲ ବିରୁଦ୍ଧରେ ଆତଙ୍କବାଦର ପ୍ରସାରରେ ଖାମେନେଇଙ୍କର ଏକ ବିଶେଷ ଅବଦାନ ରୂପେ ବିବେଚନା କରାଯାଇଥାଏ । ତେଣୁ ସେଗୁଡ଼ିକର ବିଲୟ ପରେ ଇରାନ ବାହାରେ ଖାମେନେଇଙ୍କର ପ୍ରଭାବର ଏକ ପ୍ରକାର ଅନ୍ତ ଘଟିବ କହିଲେ ଭୁଲ୍ ହେବନାହିଁ । କିନ୍ତୁ ଇରାନ ଭିତରେ ଖାମେନେଇ ୧ ?ଯଉଁ ଇସ୍ ?ଲାମୀୟ ଶାସନ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବାରେ ଦୀର୍ଘ କାଳ ବିତାଇ ଦେଇଥିଲେ, ସେଥିରେ ଯେ ଦ୍ରୁତ ପରିବର୍ତ୍ତନ ଘଟି ରାତାରାତି ଏକ ପାଶ୍ଚାତ୍ୟ ଗଣତନ୍ତ୍ରର ଆବିର୍ଭାବ ଘଟିବ, ତାହାର ସମ୍ଭାବନା କ୍ଷୀଣ ମନେହୁଏ । ଏଥର କିନ୍ତୁ ଜଖମ ହୋଇପଡ଼ିଥିବା ଇରାନରେ କ୍ଷମତାସୀନ ସରକାର ଦୁର୍ବଳ ହୋଇଯିବା ପରେ, ସେଠାରେ ଥିବା ଆଣବିକ କେନ୍ଦ୍ର ଓ ପଦାର୍ଥମାନଙ୍କର କ'ଣ ହେବ, ତାହା ଉଭୟ ଇସ୍ରାଏଲ ଓ ଆମେରିକା ପାଇଁ ମୁଣ୍ଡବିନ୍ଧାର କାରଣ ହେବ । 'ନିଉକ୍ଲିଆର୍ ଥ୍ରେଟ୍ ଇନିସିଏଟିଭ୍' ନାମକ ମର୍ଯ୍ୟାଦାଜନକ ଆଡ୍‌ଭୋକେସି ଗୋଷ୍ଠୀ ସତର୍କବାଣୀ ଶୁଣାଇ ସାରିଲାଣି ଯେ ବିଭିନ୍ନ ଇସ୍ ?ଲାମୀୟ ଆତଙ୍କବାଦୀ ସଂଗଠନମାନେ ପରିସ୍ଥିତିର ସୁଯୋଗ ନେଇ ଏଗୁଡ଼ିକୁ ଚୋରି କରି ନେଇଯାଇ ପାରନ୍ତି । ଏପରି ଭୟଙ୍କର କଥା ଯେପରି ନ ଘଟେ, ତାହା ନିଶ୍ଚିତ କରିବା ହେଉଛି ସେଠାରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକାର ପ୍ରଥମ ତଥା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ।

ମହାନଦୀ ସଂକଟ ଓ ନବୀନ ବାବୁ

ଫେବ୍ରୁଆରି ୭ ତାରିଖରେ ସାମାଜିକ ଗଣମାଧ୍ୟମ 'ଏକ୍ ?ସ'ରେ ନବୀନ ପଟ୍ଟନାୟକ ମହାନଦୀ ସଂପର୍କରେ ଉଲ୍ଲେଖ କରିଛନ୍ତି । ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ବିବାଦର ସମାଧାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ଗଠିତ ଟ୍ରିବ୍ୟୁନାଲ୍ ସମ୍ମୁଖରେ ରାଜ୍ୟ ସରକାର ଯଥାଯଥ ଭାବରେ ପ୍ରତିନିଧିତ୍ୱ କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ଓ କ୍ଷୋଭ ପ୍ରକାଶ କରିଛନ୍ତି । ?ସେ ଲେଖିଛନ୍ତି, ''ମହାନଦୀ ଆମ ମା', ଓଡ଼ିଶାର ଜୀବନରେଖା । ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ । ଏହାର ସୁରକ୍ଷାରେ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ ।'' ସେ ପୁଣି ଲେଖିଛନ୍ତି, ''ମହାନଦୀ ବଚେଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜୁ ଜନତା ଦଳର ଲଢ଼େଇ ଆହୁରି ଜୋରଦାର ହେବ ।'' ଓଡ଼ିଶା ସରକାର ଟ୍ରିବ୍ୟୁନାଲ୍ ପାଖରେ ତତ୍ପର ହୁଅନ୍ତୁ, ଏଥିପାଇଁ ନବୀନ ବାବୁଙ୍କ ଉଦ୍‌ବେଗ ଯଥାର୍ଥ ଓ ପ୍ରଶଂସନୀୟ । କିନ୍ତୁ ମହାନଦୀ ବିପର୍ଯ୍ୟୟର ମୂଳଟି କେଉଁଠି ?; ଓଡ଼ିଶା ପାଇଁ ଏହି ମହାବିପତ୍ତିର କାରଣ କ'ଣ ଓ କର୍ତ୍ତା କିଏ ? ଏହି ସଂକ୍ରାନ୍ତ ସମସ୍ତ ତଥ୍ୟ ଓ ସତ୍ୟ ବିଷୟରେ ଚର୍ଚ୍ଚା କରାଯିବା ଓ ତାହାକୁ ଅବିକଳ ଭାବରେ ଲିପିବଦ୍ଧ କରିବା ଆବଶ୍ୟକ । ଏହାଦ୍ୱାରା ଶାସନରେ ଅଧିଷ୍ଠିତ ହେଉଥିବା ରାଜନେତାମାନଙ୍କର ଅସାଧୁତା ଓ ଅପାରଗତା ସମ୍ବନ୍ଧରେ ରାଜ୍ୟବାସୀ ଓ ଉତ୍ତର ପିଢ଼ି ଜାଣିପାରିବେ । ୨୦୦୦ ମସିହା ପର୍ଯ୍ୟନ୍ତ ମହାନଦୀ ଥିଲା ଚିରସ୍ରୋତା । ହେଲେ ଏବେ ବର୍ଷା ଋତୁର ଦିନ କେଇଟାକୁ ବାଦ୍ ଦେଲେ ତାହା ପାଲଟିଚି ଧୂସର ବାଲୁକା ଶଯ୍ୟା ; ମରୁଭୂମି । ମହାନଦୀ ଓଡ଼ିଶାର ଜୀବନ-ସଂଜୀବନୀ; ସିଧାସଳଖ ୧୬ଟି ଜିଲ୍ଲାର ପାଖାପାଖି ୩ କୋଟି ଲୋକ ମହାନଦୀ ଉପରେ ନିର୍ଭର କରିଥାନ୍ତି । ଅପ୍ରିୟ ସତ୍ୟଟି ହେଉଛି ନବୀନ ବାବୁଙ୍କ ଅମଳରେ ହିଁ ମହାନଦୀକୁ ହତ୍ୟା କରାଯାଇଛି । ୨୦୦୦ ମସିହାରୁ ୨୦୨୪, ପୂରା ଦୁଇଟା ଯୁଗ; ନବୀନ ବାବୁଙ୍କୁ ଓଡ଼ିଶାବାସୀ ମୁଣ୍ଡରେ ବସେଇଥିଲେ । ପ୍ରତି ନିର୍ବାଚନରେ ଅଧିକ ଭୋଟ ବ୍ୟବଧାନରେ ତାଙ୍କ ଦଳକୁ ବିଜୟୀ କରୁଥିଲେ । ରାଜ୍ୟ ପ୍ରତି ଦାୟିତ୍ୱବୋଧ ଥିବା ଯେ କେହି ବିଚାରବନ୍ତ ଶାସନମୁଖ୍ୟ ୨୪ ବର୍ଷର ଲମ୍ବା ଓ ନିରଙ୍କୁଶ ଅବଧିର ବିରଳ ଓ ବିଶାଳ ସୁଯୋଗକୁ ଯୋଜନାବଦ୍ଧ ଭାବରେ ଉପଯୋଗ କରି ରାଜ୍ୟକୁ ସକଳ ଦିଗରୁ ସମୃଦ୍ଧିର ଆଖି ଖୋସି ହୋଇଗଲା ପରି ଉଚ୍ଚତାରେ ପହଚାଂଇ ପାରିଥାଆନ୍ତେ । କିନ୍ତୁ ତାହା ଘଟିଲା ନାହିଁ । ବରଂ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଆଦି ବିକାଶର ଗୁରୁତ୍ୱପୂର୍ଣ୍ଣ ଓ ଦୀର୍ଘସୂତ୍ରୀ ମୌଳିକ କ୍ଷେତ୍ରଗୁଡ଼ିକ ଅବହେଳିତ ହେଲା, ଅବକ୍ଷୟ ଘଟିଲା । ଚବିଶ ବର୍ଷ ମଧ୍ୟରେ ଛତିଶଗଡ଼ ସରକାର 'ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରି ହୀରାକୁଦର ଉପର ମୁଣ୍ଡରେ ମହାନଦୀରେ ମନଇଛା ଅନେକ ଡ୍ୟାମ୍ ଓ ବ୍ୟାରେଜ ନିର୍ମାଣ କରି ଏକତରଫା ଭାବରେ ମହାନଦୀର ବିପୁଳ ଜଳରାଶିକୁ ନିଜ ରାଜ୍ୟର ବିକାଶରେ ବ୍ୟବହାର କଲା । କିନ୍ତୁ ନବୀନ ବାବୁ ତାଙ୍କ ୨୪ ବର୍ଷର ଶାସନରେ ହୀରାକୁଦର ତଳ ମୁଣ୍ଡରେ ଗୋଟିଏ ଆନିକଟ ନିର୍ମାଣ ସମ୍ବନ୍ଧରେ ଚିନ୍ତା ସୁଦ୍ଧା କଲେ ନାହିଁ । ଏଣେ, ଛତିଶଗଡ଼ର ବେଆଇନ ଦେ ?ରାମ୍ୟକୁ ନିରବରେ ସମର୍ଥନ କରାଗଲା ଓ ସେ ରାଜ୍ୟ ପ୍ରଶ୍ରୟ ପାଇଥିଲା । ଶୁଣାଯାଏ ଯେ ୨୦୦୦ ମସିହା ମାର୍ଚ୍ଚ ୫ ତାରିଖରେ ନବୀନ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲା ପରେ ରାଜ୍ୟ ଜଳସଂପଦ ବିଭାଗ ପକ୍ଷରୁ ମହାନଦୀ ପ୍ରତି ଥିବା ସମ୍ଭାବ୍ୟ ବିପଦ ସଂପର୍କରେ ତାଙ୍କୁ ଅବଗତ କରାଯାଇଥିଲା । ଦାୟିତ୍ୱ ନେବାର ୪ ମାସ ପରେ, ଅର୍ଥାତ ଜୁଲାଇ ମାସ ୭ ତାରିଖରେ ନବୀନ ବାବୁ ଭାରତ ସରକାରଙ୍କ ଜଳସଂପଦ ମନ୍ତ୍ରୀଙ୍କୁ ଏକ ଚିଠି (ଚିଠି ନମ୍ବର - ଉଙ ଘଙ ଟଗ ୩୫/୨୦୦୦/୪୪୪ଉଗ । ବିଷୟ: ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାର ସମସ୍ୟା) ଲେଖିଥିଲେ । ୨୦୧୨ ମସିହାରେ ଭାରତ ସରକାରଙ୍କ ଜଳସଂପଦ ମନ୍ତ୍ରାଳୟ ଦ୍ୱାରା ପ୍ରକାଶିତ 'ହୀରାକୁଦ: ଇଟ୍‌ସ ବ୍ୟାକ୍‌ଗ୍ରାଉଣ୍ଡ ଆଣ୍ଡ ପର୍ଫମାନ୍‌ସ' ପୁସ୍ତକରେ ଚିଠିଟି ସ୍ଥାନିତ ହୋଇଚି । ସେତେବେଳେ ଛତିଶଗଡ଼ ରାଜ୍ୟ ସୃଷ୍ଟି ହୋଇ ନ ଥିଲା । ତାହା ମଧ୍ୟପ୍ରଦେଶ ଅନ୍ତର୍ଭୁକ୍ତ ଥିଲା ଓ ସେହି ବର୍ଷ ନଭେମ୍ବର ୧ ତାରିଖରେ ଛତିଶଗଡ଼ର ଜନ୍ମ । ସେହି ଚିଠିରେ ଉଲ୍ଲେଖ ଥିଲା; ମଧ୍ୟପ୍ରଦେଶ ସରକାର ହୀରାକୁଦର ଉପର ମୁଣ୍ଡରେ ୮ଟି ବୃହତ୍ ଡ୍ୟାମ୍, ୨୨ଟି ମଧ୍ୟମ ଡ୍ୟାମ୍ ଓ ୧୦ଟି ବ୍ୟାରେଜ ନିର୍ମାଣ କରିସାରିଲାଣି ଏବଂ ଚାରିଟି ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ଅଛି । ଓଡ଼ିଶା ପାଇଁ ସେଗୁଡ଼ିକ ସମସ୍ୟା ବୋଲି ସୂଚିତ କରି କେନ୍ଦ୍ର ସରକାର ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଚିଠିରେ ଅନୁରୋଧ କରାଯାଇଥିଲା । ସେତେବେଳେ ଆମ ରାଜ୍ୟ ସପକ୍ଷରେ ସୁବର୍ଣ୍ଣ ସୁଯୋଗ ଥିଲା; ଆମ ସ୍ୱାର୍ଥ ଆମ ହାତମୁଠାରେ ଥିଲା । କେନ୍ଦ୍ର ସରକାରରେ ଜଳସଂପଦ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିଲେ ଶ୍ରୀ ଅର୍ଜୁନ ଚରଣ ସେଠୀ । ଅର୍ଜୁନ ବାବୁ ବିଜୁ ଜନତା ଦଳରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ନବୀନ ବାବୁଙ୍କ ସୁପାରିସରେ ସେ ବାଜପେୟୀଜୀଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରିତ୍ୱ ପାଇଥିଲେ । ରାଜ୍ୟରେ ବିଜୁ ଜନତା ଦଳ ସହିତ ମେଣ୍ଟ କରି ବି ?.ଜେ.ପି. ଲୋକସଭା ଓ ବିଧାନସଭା ନିର୍ବାଚନ ଲଢ଼ିଥିଲା ଏବଂ ରାଜ୍ୟ ଓ କେନ୍ଦ୍ରରେ ମେ[ସରକାର ଚାଲିଥିଲା । କେନ୍ଦ୍ରରେ ବା ?ଜପେୟୀଜୀଙ୍କ ସେହି ସରକାର ୨୦୦୩ ମସିହା ଶେଷ ପର୍ଯ୍ୟନ୍ତ ଶାସନରେ ଥିଲା । ନବୀନ ବାବୁ ଚାହିଁଥିଲେ ସେଇଠି ସବୁ ସମସ୍ୟାର ପୂର୍ଣ୍ଣଚ୍ଛେଦ ପଡ଼ିଥାଆନ୍ତା । କିନ୍ତୁ ସେପରି ହେଲା ନାହିଁ । ସେଦିନ ଯାହା ନଖରେ ଛିଡ଼ି ଥାଆନ୍ତା, ଆଜି ତାହା କୁରାଢ଼ିରେ ସୁଦ୍ଧା ଛିଡୁନାହିଁ । ୨୦୧୦ ମସିହା, ଅଗଷ୍ଟ ୫ ତାରିଖରେ ସୁକିନ୍ଦାର ଯୁବ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଛତିଶଗଡ଼ ସରକାରଙ୍କ ଦ୍ୱାରା ହୀରାକୁଦର ଉପର ମୁଣ୍ଡରେ ନିର୍ମାଣ କରାଯାଉଥିବା ଡ୍ୟାମ୍ ଓ ବ୍ୟାରେଜ ଇତ୍ୟାଦି ସଂପର୍କରେ ଉଲ୍ଲେଖ କରି ଓଡ଼ିଶା ଉପରେ ତାହାର ପ୍ରଭାବ କ'ଣ ବୋଲି ବିଧାନସଭାରେ ପ୍ରଶ୍ନ ପଚାରିଥିଲେ । ସେହି ପ୍ରଶ୍ନଟି ଜଳସଂପଦ ବିଭାଗ ସଂପର୍କିତ ଓ ଜଳସଂପଦ ବିଭାଗଟି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିଲା । ତେବେ ସେ ଦିନ ସେଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଉତ୍ତର ଦେଇଥିଲେ ମନ୍ତ୍ରୀ ରଘୁନାଥ ମହାନ୍ତି । ସେ କହିଥିଲେ, ଛତିଶଗଡ଼ ସରକାର ମହାନଦୀର ଉପର ମୁଣ୍ଡରେ ଯେଉଁ ପ୍ରକଳ୍ପଗୁଡ଼ିକ ନିର୍ମାଣ କରୁଛି, ତଦ୍ୱାରା ଓଡ଼ିଶା ପ୍ରତି କେ ?ଣସି ବିପଦ ନାହିଁ । ରଘୁ ବାବୁଙ୍କ ବିଧାନସଭା ବକ୍ତବ୍ୟର ଗୋଟିଏ ବର୍ଷ ପରେ ୨୦୧୧ ମସିହାରେ ରାଜ୍ୟ ଜଳସଂପଦ ବିଭାଗର ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଖୁବ୍ ଦୃଢ଼ ସ୍ୱରରେ ବିବୃତି ଦେଲେ ; ଛତିଶଗଡ଼ ମହାନଦୀରେ ଆଉ ୧୦୦ଟି ଆନିକଟ ନିର୍ମାଣ କଲେ ସୁଦ୍ଧା ଓଡ଼ିଶା ପ୍ରତି କୌଣସି ବିପଦ ନାହିଁ । କିନ୍ତୁ, ମହାନଦୀ ସଂକ୍ରାନ୍ତ ରାଜ୍ୟ ସ୍ୱାର୍ଥ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସତ୍ୟର ସଂପୂର୍ଣ୍ଣ ବିପରୀତ ତଥ୍ୟ ପ୍ରଦାନ କରି ରାଜ୍ୟକୁ ବିଭ୍ରାନ୍ତ କରାଯାଇଥିଲା । ୨୦୦୦ ମସିହାରେ ନବୀନ ବାବୁଙ୍କ ଚିଠିରେ ମହାନଦୀକୁ ନେଇ ଓଡ଼ିଶା ପ୍ରତି ସମସ୍ୟା ସୃଷ୍ଟି ହେଉଥିବା କଥା ତଥ୍ୟଯୁକ୍ତ ଭାବରେ ଉଲ୍ଲେଖ ଥିବା ବେଳେ ଏବଂ ଆମ ପଡ଼ୋଶୀ ରାଜ୍ୟଟିରେ କ୍ରମାଗତ ଭାବରେ ବହୁ ସଂଖ୍ୟାରେ ବେଆଇନ ନିର୍ମାଣ କରାଯାଉଥିବା ସତ୍ତ୍ୱେ ୨୦୧୦ ଓ ୨୦୧୧ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟବାସୀଙ୍କୁ ବିପରୀତ କଥା କୁହାଗଲା । ଏହା ବିସ୍ମୟକର ନୁହେଁ କି ? ଏହା ରାଜ୍ୟବାସୀଙ୍କ ସହିତ ଏକ ମାରାତ୍ମକ ବିଶ୍ୱାସ ଭଙ୍ଗ ଭଳି ହୋଇ ନ ଥାଏ କି? ୨୦୧୬ ମସିହା ମଧ୍ୟଭାଗରେ ମହାନଦୀ ସମସ୍ୟାକୁ ନେଇ ଜନସାଧାରଣଙ୍କ ପକ୍ଷରୁ ସ୍ୱର ଉଠିଲା । ବିରୋଧୀ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଚାପ ସୃଷ୍ଟି କରାଗଲା । ଜୁଲାଇ ୨୬ ତାରିଖରେ ବିରୋଧୀ ଦଳର ନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ଦଳର ଏକ ପ୍ରତିନିଧି ଗୋଷ୍ଠୀ ଛତିଶଗଡ଼ ଯାଇ ସରଜମିନ ଅନୁଧ୍ୟାନ କଲା ପରେ ପରିସ୍ଥିତିର ଗମ୍ଭୀରତା ସ୍ପଷ୍ଟ ହୋଇଗଲା । କଂଗ୍ରେସର ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ସାକ୍ଷାତ କରି ନଦୀ ବିବାଦର ସମାଧାନ ନିମନ୍ତେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ । ଏତେସବୁ ସତ୍ତ୍ୱେ ମହାନଦୀର ସୁରକ୍ଷା ପାଇଁ ରାଜ୍ୟ ସରକାର ଅଟାଂ ଭିଡ଼ିଲେ ନାହିଁ । ବରଂ ମହାନଦୀ ସଂକଟକୁ ରାଜନୈତିକ ଗୋଟିରେ ପରିଣତ କରି ୨୦୧୭ ମସିହା ଆରମ୍ଭରେ ହେବାକୁ ଥିବା ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ ଓ ୨୦୧୯ ମସିହାର ସାଧାରଣ ନିର୍ବାଚନରେ ଦଳୀୟ ଫାଇଦା ପାଇଁ ଖସଡ଼ା ତିଆରି କରାଗଲା । ଲୋକଙ୍କ ଭିତରେ ରାଜନୀତିକ ଭାବପ୍ରବଣତା ତିଆରି କରାଗଲା । ବାଜା ବଜେଇ ବଜେଇ ବିଜୁ ଜନତା ଦଳର ନେତାମାନେ କ୍ଷେତ୍ର ପରିଦର୍ଶନ କରିବାକୁ ଛତିଶଗଡ଼ ଗଲେ । ଦଳର ମହିଳା କର୍ମୀମାନେ ମହାନଦୀ କୂଳେକୂଳେ କଳସ ଶୋଭଯାତ୍ରା କଲେ । ମନ୍ତ୍ରୀ, ସାଂସଦ, ବିଧାୟକମାନେ ପ୍ରତି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସି ହାସ୍ୟାସ୍ପଦ ପରିବେଶ ସୃଷ୍ଟି କଲେ । କେନ୍ଦ୍ର ସରକାରଙ୍କ ଯୁଗ୍ମ ନିୟନ୍ତ୍ରଣ ବୋର୍ଡ ଜରିଆରେ ନଦୀ ବିବାଦର ସମାଧାନ ପ୍ରସ୍ତାବକୁ ଓଡ଼ିଶା ଅସ୍ୱୀକାର କଲା । ସେପ୍‌ଟେମ୍ବର ୧୭ ତାରିଖରେ କେନ୍ଦ୍ର ଜଳସଂପଦ ମନ୍ତ୍ରୀ ଉମା ଭାରତୀଙ୍କ ଉପସ୍ଥିତିରେ ଦିଲ୍ଲୀରେ ବସିଥିବା ବୈଠକକୁ ଯିବା ପୂର୍ବ ଦିନ ସାରା ଓଡ଼ିଶାରୁ ହଜାରହଜାର ଦଳୀୟ କର୍ମୀ ଓ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କୁ ଆଣି ଭୁବନେଶ୍ୱର ବିମାନ ବନ୍ଦର ଠାରେ ମୁଖ୍ୟମନ୍ତ୍ରୀଙ୍କୁ ଯୁଦ୍ଧ ଯାତ୍ରା ଗଲା ଭଳି ଉଚ୍ଛ୍ୱସିତ ସମ୍ବର୍ଦ୍ଧନାର ନାଟକ ରଚନା କରାଗଲା । ସତ କଥା ହେଲା, ନବୀନ ବାବୁ ଚାହିଁଥିଲେ ଦୀର୍ଘ କାଳ ଧରି ଚାଲିଥିବା ଛତିଶଗଡ଼ ସ୍ୱେଚ୍ଛାଚାରର ସ୍ଥାୟୀ ଯବନିକା ସେହି ୨୦୧୬ ମସିହାରେ ହିଁ ପଡ଼ି ପାରି ଥାଆନ୍ତା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ସେତେବେଳେ ବିଜୁ ଜନତା ଦଳର ଖୁବ୍ ସୁନ୍ଦର ବୁଝାମଣା ଥିଲା । ବିଜୁ ଜନତା ଦଳ ପ୍ରତ୍ୟେକ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଭାରତ ସରକାରଙ୍କୁ ନିଃସର୍ତ୍ତ ସମର୍ଥନ ଦେଉଥିଲା ଏବଂ କେନ୍ଦ୍ର ସରକାରଙ୍କ ପାଇଁ ବିଜୁ ଜନତା ଦଳର ସମର୍ଥନ ନିହାତି ଆବଶ୍ୟକ ଥିଲା । ନେଡ଼ିଗୁଡ଼ କହୁଣିକୁ ବୋହି ସାରିବା ପରେ ଏବେ ନବୀନ ବାବୁ ମିଛ କାନ୍ଦଣା କାନ୍ଦୁଛନ୍ତି ! ଶେଷରେ କେନ୍ଦ୍ର ସରକାର ୨୦୧୮ ମସିହା ମାର୍ଚ୍ଚ ମାସରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ୍ ଗଠନ କରିଛନ୍ତି । ଦେଶରେ ବିଭିନ୍ନ ସମୟରେ ନଦୀ ବିବାଦ ଟ୍ରିବ୍ୟୁନାଲ୍ ?ଗୁଡ଼ିକର ଜଟିଳ ଦିଗ ସଂପର୍କିତ ଇତିହାସ ଆମେ ସମସ୍ତେ ଜାଣିଚେ । ତେବେ ନିଷ୍ପତି ନିକଟରେ ବା ବିଳମ୍ବରେ, ଯେବେ ବି ହେଉ, ମହାନଦୀ ତାହାର ପୂର୍ବ ରୂପ-ବିଭବ ଫେରି ପାଇବ ନାହିଁ; ଓଡ଼ିଶାର କ୍ଷତି କେବେ ବି ସଂପୂର୍ଣ୍ଣ ଭରଣା ହୋଇପାରିବ ନାହିଁ । ସତ କହିଲେ ମହାନଦୀ ହେଉଛି ନବୀନ ବାବୁଙ୍କ ରାଜନୀତିକ ଜୀବନର ଏକ ଗହୀରିଆ କଳାଚିହ୍ନ । ମହାନଦୀ ପାଇଁ କ୍ଷତିଗ୍ରସ୍ତ ଓଡ଼ିଶା ଏହି କଥାକୁ କସ୍ମିନ କାଳେ ପାସୋରି ଯିବ ନାହିଁ ।

ଅପରାଧର ମାନଚିତ୍ର

'ଏନ୍‌ସିଆରବି' ରିପୋର୍ଟ ଭାରତରେ ଅପରାଧର ଏକ ଚିନ୍ତାଜନକ ଚିତ୍ର ବହନ କରୁଥିଲେ ହେଁ, ଏହା ମଧ୍ୟ ଲକ୍ଷ୍ୟ କରିବା କଥା ଯେ ଦେଶରେ ହିଂସାତ୍ମକ ଅପରାଧ ବର୍ତ୍ତମାନ ଏକ ଚଟାଣରେ ପହଚିଂ ଯାଇଥିବା ଭଳି ମନେ ହେଉଛି । ପୁଲିସ ଓ ଆଇନ କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନେ ଏହି ସୁଯୋଗର ସଦ୍‌ବ୍ୟବହାର କରି କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିଲେ, ସେଥିରେ ଆଉ ବୃଦ୍ଧି ନ ଘଟି ତାହା କ୍ରମେ ହ୍ରାସ ପାଇବାରେ ଲାଗିବ । ପ୍ରତି ବର୍ଷ 'ନେସନାଲ୍ କ୍ରାଇମ୍ ରେକର୍ଡସ ବ୍ୟୁରୋ' ('ଏନ୍‌ସିଆରବି') ଭାରତରେ ଅପରାଧର ସାମଗ୍ରିକ ଚିତ୍ର ସମ୍ବଳିତ ଏକ ରିପୋର୍ଟ ପ୍ରକାଶ କରିଥାଏ । ସେଇ ଧାରାର ଅଂଶ ସ୍ୱରୂପ 'ଏନ୍‌ସିଆରବି' ଦ୍ୱାରା ସଦ୍ୟ ପ୍ରକାଶିତ ହୋଇଥିବା ରିପୋର୍ଟ ୨୦୨୩ ପାଇଁ ଭାରତରେ ଅପରାଧ ସମ୍ବନ୍ଧରେ ଯେଉଁ ଚିତ୍ର ପ୍ରଦାନ କରିଥାଏ, ତାହା ଅନେକ ଦୃଷ୍ଟିରୁ ବେଶ୍ ତାତ୍ପର୍ଯ୍ୟ ବହନ କରିଥାଏ । ଏହି ରିପୋର୍ଟ ଅନୁସାରେ ସେ ବର୍ଷ ଦେଶରେ ମୋଟ ୬.୪ ନିୟୁତ ସଂଖ୍ୟକ ଅପରାଧ ଘଟଣା ପଞ୍ଜିକୃତ ହୋଇଥିଲା, ଯାହା ତା'ର ପୂର୍ବ ବର୍ଷ ତୁଳନାରେ ୭.୨ ଶତାଂଶ ଅଧିକ ଥିଲା । ଏହା ଫଳରେ ଦେଶରେ ଅପରାଧ ହାର ପ୍ରତି ଏକ ଲକ୍ଷ ନାଗରିକଙ୍କ ପିଛା ୪୪୮ରେ ପହଚିଂଥିଲା, ଯାହା ବିଗତ ୨୦ ବର୍ଷ ମଧ୍ୟରେ ତିନି ଗୁଣ ହୋଇଛି । ରିପୋର୍ଟ ପ୍ରଦର୍ଶିତ କରିଥିବା ଅପରାଧ ସଂଖ୍ୟାରେ ଏହି ବୃଦ୍ଧି ପଛରେ ମୁଖ୍ୟତଃ ତିନିଟି କାରଣ ନିହିତ ଅଛି । ପ୍ରଥମ- ଅପରାଧ ରିପୋର୍ଟ କରାଯିବାରେ ବୃଦ୍ଧି; ଦ୍ୱିତୀୟ- ଅପରାଧର ସହରୀକରଣ; ତୃତୀୟ- ସାଇବର୍ ଅପରାଧର ଆବିର୍ଭାବ । ୨୦୨୩ରେ ଭାରତର ସହରାଂଚଳରେ ଘଟୁଥିବା ଅପରାଧ ସଂଖ୍ୟାରେ ୧୦.୬ ଶତାଂଶ ବୃଦ୍ଧି ଘଟିଥିଲା ଏବଂ ସାଇବର୍ ଅପରାଧ ସଂଖ୍ୟାରେ ୩୧.୨ ଶତାଂଶ ବୃଦ୍ଧି ଘଟିଥିଲା । ଏ ସମସ୍ତର ମିଳିତ ପ୍ରଭାବରେ ସେ ବର୍ଷ ଦେଶରେ ହାରାହାରି ପ୍ରତି ୫ ସେକେଣ୍ଡ୍ ?ରେ ଗୋଟିଏ ଅପରାଧ ଘଟିବା ଦେଖାଯାଇଥିଲା । ଦେଶରେ ଘଟିଥିବା ପ୍ରାୟ ୨୦ ହଜାରରୁ ଅଧିକ ହତ୍ୟାକାଣ୍ଡ ଆମେରିକା ସହିତ ପ୍ରାୟ ସମାନ ହୋଇଥିଲେ ହେଁ ପ୍ରତି ଏକ ଲକ୍ଷ ଲୋକସଂଖ୍ୟା ପିଛା ଦେଖିଲେ ଏହା ହେଉଛି ଆମେରିକାର ୪୦ ଶତାଂଶ ମାତ୍ର । ପ୍ରତି ଏକ ଲକ୍ଷ ଲୋକସଂଖ୍ୟା ପିଛା ଭାରତରେ ଘଟିଥିବା ୨.୩ଟି ହତ୍ୟାକାଣ୍ଡ ହେଉଛି ମେକ୍‌ସିକୋ ଓ ବ୍ରାଜିଲ୍ ଭଳି ଦେଶମାନଙ୍କରେ ଘଟୁଥିବା ହତ୍ୟାକାଣ୍ଡ ସଂଖ୍ୟାର ଏକ-ଦଶମାଂଶ ମାତ୍ର । କିନ୍ତୁ ବ୍ରିଟେନ୍ ତୁଳନାରେ ଭାରତରେ ଏହି ଅପରାଧ ହାର ଦୁଇ ଗୁଣ ହୋଇଥାଏ । ସାଇବର୍ ଅପରାଧ କ୍ଷେତ୍ରରେ ଯେଉଁ ଦୁଇ ରାଜ୍ୟ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି, ସେମାନେ ହେଲେ କର୍ଣ୍ଣାଟକ ଓ ତେଲେଙ୍ଗାନା, ଯେଉଁଠାରେ ଏହି ଆଧୁନିକ ଅପରାଧ ସଂଖ୍ୟା ୧୭,୦୦୦ ଅତିକ୍ରମ କରିଛି । ସର୍ବାଧିକ ସଂଖ୍ୟକ ସାଇବର୍ ଅପରାଧ ଘଟିଥିବା ନଗରୀ ହେଉଛି ସ୍ୱାଭାବିକ ଭାବରେ ବେଙ୍ଗାଲୁରୁ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ଦେଶରେ ସର୍ବାଧିକ ସଂଖ୍ୟକ ଯୌତୁକ ସଂପର୍କିତ ଅପରାଧ ଘଟିଥିବା ନଗରୀ ହେଉଛି ସେଇ ବେଙ୍ଗାଲୁରୁ ମଧ୍ୟ । ୨୦୨୩ରେ ସେଇ ଟେକ୍ ?ନୋ ନଗରୀରେ ୧୦୦୦ଟିରୁ ଅଧିକ ଯୌତୁକଜନିତ ଅପରାଧ ଘଟିଥିଲା । ଅଥଚ ଏଭଳି ଅପରାଧ ପାଇଁ କୁଖ୍ୟାତ ବିହାରର ପାଟନାରେ ଏହି ଅପରାଧ ସଂଖ୍ୟା ମାତ୍ର ଶହେଟିରୁ କିଛି ଅଧିକ ମଧ୍ୟରେ ସୀମିତ ଥିଲା ଏବଂ ଲକ୍ଷ୍ନୌ ?ରେ ଏହି ସଂଖ୍ୟା ଥିଲା ମାତ୍ର ୧୯ଟି । ସେଇଭଳି ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ତାମିଲନାଡୁରେ ପ୍ରତି ଏକ ଲକ୍ଷ ଲୋକଙ୍କ ପିଛା ହାରାହାରି ଅପରାଧ ସଂଖ୍ୟା ହେଉଛି ୯୭୮, ଯାହା ଉପରେ ଉଲ୍ଲେଖ କରାଯାଇଥିବା ଜାତୀୟ ହାରାହାରିର ପ୍ରାୟ ଦୁଇଗୁଣ ! ମନେ ହୁଏ ବେଙ୍ଗାଲୁରୁରେ ସାଇବର୍ ଅପରାଧ ସଂଖ୍ୟା ଓ ତାମିଲନାଡୁରେ ସାଧାରଣ ଅପରାଧ ସଂଖ୍ୟା ଯେଉଁ ଉଚ୍ଚ ହୋଇଥିବା ଦେଖାଯାଇଛି, ତାହାର ସମ୍ଭାବ୍ୟ କାରଣ ହୋଇପାରେ ସେଠାରେ ଅନୁସୃତ ହେଉଥିବା ଆନୁଷ୍ଠାନିକ ସ୍ୱଚ୍ଛତା ଓ ଅନ୍ୟ ଅଂଚଳ ତୁଳନାରେ ପୁଲିସ ଉପରେ ଜନସାଧାରଣ ପ୍ରଦର୍ଶନ କରୁଥିବା ଅଧିକ ବିଶ୍ୱାସ ଓ ଭରସା । ୨୦୨୩ରେ ଦେଶରେ ହିଂସାତ୍ମକ ଅପରାଧ ସଂଖ୍ୟା ପ୍ରାୟ ସ୍ଥିର ରହିଥିବା ବେଳେ ଏ ବାବଦରେ ଦେଶରେ ପ୍ରଥମ ତିନିଟି ସ୍ଥାନ ଦଖଲ କରିଥିବା ନଗରୀମାନ ହେଲେ ଯଥାକ୍ରମେ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଝାରସୁଗୁଡ଼ା ଜିଲ୍ଲାର ପ୍ରଥମ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଭିଡ଼ିଓ କନଫେରେନ୍ସ ଦ୍ୱାରା କେନ୍ଦ୍ର ମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଉଦ୍‌ଘାଟିତ

ଡିଏଭି ପରିସରରେ ହୋଲି ଉତ୍ସବ ପାଳିତ

ଛାତ୍ରଛାତ୍ରୀ ଅବିର ମାଧ୍ୟମରେ ଦେଲେ ଶାନ୍ତି, ମୈତ୍ରୀ ଓ ବିଶ୍ୱଭ୍ରାତୃତ୍ୱର ବାର୍ତ୍ତା

ଝାରସୁଗୁଡ଼ା, ୭/୩(ନି/ପ୍ର): ଝାରସୁଗୁଡ଼ା ଡିଏଭି ପରିସରରେ ହୋଲି ଉତ୍ସବ ଉତ୍ସାହ ଓ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ରଙ୍ଗର ଏହି ପବିତ୍ର ପର୍ବରେ ଛାତ୍ରଛାତ୍ରୀମାନେ ଖୁସିର ରଙ୍ଗରେ ଭିଜି ଶାନ୍ତି, ମୈତ୍ରୀ ଓ ବିଶ୍ୱଭ୍ରାତୃତ୍ୱର ସୁନ୍ଦର ବାର୍ତ୍ତା ପ୍ରଚାର କରିଥିଲେ। ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ସମସ୍ତେ ପ୍ରାକୃତିକ ରଙ୍ଗ ବ୍ୟବହାର କରି ସୁରକ୍ଷିତ ଓ ପରିବେଶଧର୍ମୀ ହୋଲି ପାଳନ କରିବାକୁ ସଂକଳ୍ପ କରିଥିଲେ । ଅଧ୍ୟକ୍ଷ ଶ୍ରୀ ଦେବତା ତାଙ୍କ ଅଭିଭାଷଣରେ ହୋଲି କେବଳ ରଙ୍ଗର ପର୍ବ ନୁହେଁ, ବରଂ ପରସ୍ପର ମଧ୍ୟରେ ଶାନ୍ତି, ଭାଇଚାରା, ଆତ୍ମୀୟତା ଓ ସହଯୋଗର ରଙ୍ଗ ଭରିବାର ଉତ୍ତମ ଅବସର ବୋଲି ଭାବପ୍ରକଟ କରିଥିଲେ । ରାସାୟନିକ ରଙ୍ଗର ବ୍ୟବହାର ନ କରିବା, ପ୍ରକୃତି ଅନୁକୂଳ ଅବିର ବ୍ୟବହାର ଓ ପାଣିର ଅପଚୟ ବର୍ଜନ କରି ହୋଲି ପାଳନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଉତ୍ସବରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଶ ସୁରକ୍ଷା ଓ ସାମ୍ପ୍ରଦାୟିକ ସମ୍ମେଳନର ବାର୍ତ୍ତା ଦେଇଥିଲେ। ଶେଷରେ ସମସ୍ତେ ଏକାପରକୁ ଅଭିନନ୍ଦନ ଜଣାଇ ଖୁସିମୟ ଓ ଶାନ୍ତିପୂର୍ଣ୍ଣ ହୋଲି ପାଳନର ସଂକଳ୍ପ ନେଇଥିଲେ । ଡିଏଭି ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ସମସ୍ତଙ୍କୁ ଭାଇଚାରାପୂର୍ଣ୍ଣ, ଶାନ୍ତିମୟ ଓ ସୁରକ୍ଷିତ ହୋଲି ପାଳନ ଲାଗି ସମସ୍ତଙ୍କୁ ଆହ୍ୱାନ କରିଛନ୍ତି ।

ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

ମାଲକାନଗିରି,୭/୩(ନି.ପ୍ର): ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ର ବିଧାୟକ ନରସିଂହ ମାଡ଼କାମୀ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଧାୟକ ନିର୍ବାଚନମଣ୍ଡଳୀ ବିକାଶ ସମିତି ବୈଠକରେ ଏକ ମହତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେ ମାଲକାନଗିରି, କାଲିମେଳା ଓ ପଡ଼ିଆ– ଏହି ତିନୋଟି ବ୍ଲକରୁ ପ୍ରତ୍ୟେକ ବ୍ଲକରୁ ୩ଟି ଲେଖାଏଁ ଗାଁ ଚୟନ କରି ଆଦର୍ଶ ବା ମଡେଲ୍ ଗ୍ରାମ ଭାବେ ରୂପାନ୍ତରିତ କରିବା ପାଇଁ ନିଷ୍ପତି ନେଇଛନ୍ତି। ବୈଠକରେ ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଚିହ୍ନଟ ଗାଁଗୁଡ଼ିକରେ ତୁରନ୍ତ ଏକ ବିସ୍ତୃତ ସର୍ଭେ କରାଯାଇ ବର୍ତ୍ତମାନର ବିକାଶ ସ୍ଥିତି, ଆବଶ୍ୟକତା ଓ ଗ୍ୟାପ୍ ମୂଲ୍ୟାଙ୍କନ କରାଯାଉ। ଏହି ଗ୍ୟାପ୍ ପୂରଣ ପାଇଁ କଣ କଣ କାର୍ଯ୍ୟ କରିବାକୁ ପଡ଼ିବ ତାହାର ଏକ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପ୍ରକ୍ରିୟାରେ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି। ବିଡ଼ିଓମାନେ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ କରିବେ। ଏହି ଡିପିଆର ଆଧାରରେ ଚିହ୍ନଟ ଗାଁଗୁଡ଼ିକୁ ସମଗ୍ରାତ୍ମକ ବିକାଶ ମାଧ୍ୟମରେ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳାଯିବ। ବୈଠକରେ ବିଧାୟକ ଶ୍ରୀ ମାଡ଼କାମି ସମସ୍ତ ବିଭାଗର ଚଳିତ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି ଏବଂ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ତ୍ୱରାନିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସେ ମାଲକାନଗିରିର ପ୍ରସିଦ୍ଧ ମଲ୍ଲିକେଶ୍ୱର ମନ୍ଦିର ଓ ଭୈରବୀ ମନ୍ଦିରର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଜଳ ଅଭାବ ଥିବା ଗାଁଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ୍ୟ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଗାଁଗୁଡ଼ିକରେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହା ବ୍ୟତୀତ ବିଧାୟକ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀମାନଙ୍କ ସହ ଆଲୋଚନା ଓ ବୈଠକ କରି କେଉଁ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯିବ, ସେଥି ନିମନ୍ତେ ଚୂଡାନ୍ତ ନିଷ୍ପତି ନେବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହି ପଦକ୍ଷେପ ମାଲକାନଗିରି ଜିଲ୍ଲାର ଗ୍ରାମାଚଂଳରେ ବିକାଶ, ଉନ୍ନତ ଜୀବନଧାରଣ, ଶିକ୍ଷା ଓ ଆଦିବାସୀ ସମ୍ପ୍ରଦାୟର ସମୁଦାୟିକ ଉନ୍ନତି ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ସ୍ଥାନୀୟ ଲୋକେ ବିଧାୟକଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମକୁ ବ୍ୟାପକ ସ୍ୱାଗତ ଜଣାଇଛନ୍ତି। ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସଚେତନତା ଶିବିର

ନୂଆପଡ଼ା,୭/୩(ନି/ପ୍ର): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଟିଆ ହେମ୍ବ୍ରମ ବନାମ ଓଡ଼ିଶା ରାଜ୍ୟ (ଜେ.ସି.ଆର.ଏଲ.ଏ ୧୮୩/୨୦୨୫) ଏବଂ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ମହାବିଦ୍ୟାଳୟର ପ୍ରଧାପକଗଣ, ଛାତ୍ରଛାତ୍ରୀ ଏବଂ ପ୍ରାଧିକରଣର ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରଶଂସିତ

ସମ୍ବଲପୁର,୭/୩(ନି/ପ୍ର): ଫକିର ମୋହନ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଗେମ୍ସ ଏଣ୍ଡ ସ୍ପୋର୍ଟସ୍ ପ୍ରତିଯୋଗିତା ୨୦୨୫–୨୬ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମୁଖ୍ୟ ଖେଳ ବିଭାଗଗୁଡ଼ିକରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ୯ଟି ଖେଳ ଯଥାକ୍ରିକେଟ୍(ପୁରୁଷ), ଫୁଟବଲ୍(ପୁରୁଷ ଓ ମହିଳା), ହକି(ପୁରୁଷ ଓ ମହିଳା), ବ୍ୟାଡମିଂଟନ୍(ସିଙ୍ଗଲ୍ସ ଓ ଡବଲ୍ସ), କବାଡି (ମହିଳା), ବାସ୍କେଟବଲ୍ (ପୁରୁଷ) ପ୍ରଭୃତି ୯ଟିରେ ସମ୍ବଲପୁର ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ସେଗୁଡିକ ମଧ୍ୟରେ ଚେସ୍, ଟେବୁଲ୍ ଟେନିସ୍ ଓ ଭଲିବଲ୍(ମହିଳା), କବାଡି(ପୁରୁଷ), ଖୋ-ଖୋ(ମହିଳା) ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସମ୍ବଲପୁରର ଖେଳାଳିମାନେ ସମଗ୍ର ପ୍ରତିଯୋଗିତା ଅବଧିରେ ଶ୍ରେଷ୍ଠ କ୍ରୀଡାଦକ୍ଷତା, ଶୃଙ୍ଖଳାବଦ୍ଧତା ଓ କ୍ରୀଡାସ୍ପୃହା ପ୍ରଦର୍ଶନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମସ୍ତ ପଦକ ତାଲିକାରେ ମୁଖ୍ୟ ଦଳ ଓ ବ୍ୟକ୍ତିଗତ ଖେଳରେ ନିଜ ଦକ୍ଷତା ପ୍ରମାଣିତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର, କୁଳସଚିବ ପ୍ରଦୀପ କୁମାର ନାଏକ ଓ କ୍ରୀଡା ସଚିବ ଦେବେନ୍ଦ୍ର କୁମାର ମହାଲିକ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ କର୍ମକର୍ତ୍ତାମାନଙ୍କୁ ଏହି ଐତିହାସିକ ଓ ସ୍ମରଣୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବ ଜୋନ ଜୋନ୍ ଓ ଅଲ୍ ଇଣ୍ଡିଆ ଅନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ମିଳିଥିବା ସଫଳତାକୁ ଅବ୍ୟାହତ ରଖିଛି।

କମ ବୟସରେ କାଉନସିଲରରୁ ରାଜ୍ୟ ମହିଳା କମିସନ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା

ଘୁ.ଉଦୟଗିରି,୭/୩(ନି/ପ୍ର): ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ହେଉଛି ଓଡ଼ିଶାର ଏକ ପଛୁଆ ଜିଲ୍ଲା। ତଥାପି ଏହି ଜିଲ୍ଲାର ଆଦିବାସୀ ମହିଳା କିଛି କମ ନୁହନ୍ତି। ନିଜ ଉଦ୍ୟମ ଫଳରେ ତୃଣମୂଳ ସ୍ତରରୁ ସମ୍ମାନାସ୍ପଦ ପଦବିରେ ଅଧିଷ୍ଠିତ ହୋଇ ନିଜ କାର୍ଯ୍ୟ ଦକ୍ଷତା ନିଷ୍ଠାର ସହ ପ୍ରତିପାଦିତ କରି ସୁନାମ ଅର୍ଜନ କରି ଅଚଂଳ ପାଇଁ ଗର୍ବ ଅର୍ଜନ କରିଛନ୍ତି ଆଦିବାସୀ ଉଚ୍ଚ ଶିକ୍ଷିତ ମହିଳା ହେଉଛନ୍ତି ଜାଲିନା ପ୍ରିୟଦର୍ଶିନୀ। ଜାଲିନାଙ୍କ ଘର ଘୁ. ଉଦୟଗିରି ସହରର ୮ନଂ ୱାର୍ଡର ନୂଆ ସାହିରେ। ବୟସ(୩୬)। ପିତା ପୂର୍ବତନ ବିଧାୟକ ସ୍ୱର୍ଗତ ରଞ୍ଜିତ ପ୍ରଧାନ। ମାତା ଅବସରପ୍ରାପ୍ତ ବିଇଓ ବସନ୍ତ ମଞ୍ଜରୀ ରଥ। ଜାଲିନାଙ୍କୁ ଯେତେବେଳେ ମାତ୍ର ୧୫ବର୍ଷ ସେତେବେଳେ ତାଙ୍କ ପିତାଙ୍କ ବିୟୋଗ ହୋଇଯାଏ। ବାପା ଛେଉଣ୍ଡ ଜାଲିନା ପାଠ ପ୍ରତି ଧ୍ୟାନ ଦେଇ ଆଗେଇ ଯାଆନ୍ତି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ପାସ ପରେ କଳିଙ୍ଗ ମହାବିଦ୍ୟାଳୟରୁ ଗ୍ରାଜୁଏସନ ସାରି ଘରେ ନ ବସି ବାପାଙ୍କ ଲୋକ ସମ୍ପର୍କ ଲୋକ ସେବା ପ୍ରତି ମନ ବଳେଇ ନିଜ ସାହି ତଥା ଏନଏସିର ୮ନଂ ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇ ଲୋକ ସେବା ଆରମ୍ଭ କରିବା ସହ ପାଠ ପଢା ଜାରିରଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପିଜି ସାରିବା ସହ ଆଇନ ଡିଗ୍ରି ବି ସମାପ୍ତ କରି ଆଗକୁ ବଢି ଚାଲିଲେ। ୨୦୧୯ମସିହାରେ ରାଜ୍ୟ ମହିଳା କମିସନ ସଦସ୍ୟା ଭାବେ ତାଙ୍କୁ ଦାୟିତ୍ୱ ମିଳିଥିଲା ସେତେବେଳକୁ ତାଙ୍କ ବୟସ ମାୟାର ୩୦ବର୍ଷ। କମ ବୟସରେ କନ୍ଧମାଳ ଜିଲ୍ଲାର ଜଣେ ମହିଳା ଉଚ୍ଚ ପଦବିରେ ରହି କାର୍ଯ୍ୟ କରିବା ତାଙ୍କ ପାଇଁ ଏକ ଆହ୍ୱନ ଥିଲା। ତଥାପି ସେ ନିଷ୍ଠାପର ଭାବେ ନିଜ ପଦବିର ମର୍ଯ୍ୟଦା ରକ୍ଷାକରି କାର୍ଯ୍ୟ ସମ୍ପାଦନ କରି ୨୦୨୨ମସିହାରେ କାର୍ଯ୍ୟକାଳ ସମାପ୍ତ ପରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ଭାବେ୨୦୨୩ମସିହାରେ ଦାୟିତ୍ୱ ମିଳିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ପଦବିରେ ରହି ସେ ନିଷ୍ଠାର ସହ ୨୦୨୫ପର୍ଯ୍ୟନ୍ତ କାର୍ଯ୍ୟ କରିବା ସହ ରାଜନୀତି ରେ ହେଉ କି ପ୍ରଶାସନିକ କ୍ଷେତ୍ରରେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦବିରେ ରହି ରାଜ୍ୟ ମହିଳା ଏବଂ ଶିଶୁଙ୍କ ପାଇଁ କିଛି କାର୍ଯ୍ୟ କରିବା ଅବସର ପାଇବା ପରେ ବର୍ତ୍ତମାନ ପଦବିରେ ନଥିଲେ ମଧ୍ୟ ସବୁ ସମୟରେ ଅସହାୟ ଦୁଃଖୀ ମହିଳାଙ୍କ ପାଇଁ ସହଯୋଗର ହାତ ବଢ଼େଇବା ସହ କୋମଳମତୀ ଶିଶୁଙ୍କ ସ୍ନେହ ତାଙ୍କୁ ଆଜି ପର୍ଯ୍ୟନ୍ତ ବାନ୍ଧି ରଖିଛି। ସମୟ କାଢି ଅନାଥ ଆଶ୍ରମ, ଶିଶୁ ଗୃହକୁ ଯାଇ ପିଲାଙ୍କ ସହ ପିଲା ହୋଇ ଖେଳ କୁଦରେ ମାତି ଯାଇଥାଆନ୍ତି। ବୃଦ୍ଧାଶ୍ରମକୁ ଯାଇ ବୟୋବୃଦ୍ଧ ବୃଦ୍ଧାଙ୍କ ଗହଣରେ ଦୀର୍ଘ ସମୟ ବିତେଇ ଥାଆନ୍ତି। ଜାଲିନାଙ୍କ କହିବା ପ୍ରକାରେ ଜୀବନରେ କଣ ଅଛି ଯେତେ ଦିନ ବଚିଂଥିବା ଲୋକଙ୍କ ସେବା କରିବା। ଗରିବ ଅସହାୟ ଦଳିତ ନିଷ୍ପେସିତଙ୍କ ସେବା କରିବା। ଜାତି, ଧର୍ମ, ବର୍ଣ୍ଣ, ଦଳ ନିର୍ବିଶେଷରେ ସମସ୍ତ ଗରିବଙ୍କ ସେବା ହିଁ ମୋର ଲକ୍ଷ ମୁଁ ସେବା କ୍ଷେତ୍ରରେ ଆଗକୁ ବଢି ଚାଲିବି।

ନକଲି ମଦ ଜବତ ; ୩ ଗିରଫ

ଭବାନୀପାଟଣା,୭/୩(ନି/ପ୍ର): ଧର୍ମଗଡ ଜଗନ୍ନାଥ ପଡ଼ାରୁ ଅବକାରୀ ବିଭାଗ ଏକ ନକଲି ବିଦେଶୀ ମଦ କାରଖାନା ଠାବ କରିଛି। ବିହାର ଅଚଂଳର ୩ ବ୍ୟକ୍ତି ଏକ ଭଡାଘରେ ନକଲି ବିଦେଶୀ ମଦ ତିଆରି କରି ସ୍ଥାନୀୟ ଅଚଂଳରେ ବିକ୍ରି କରୁଥିବା ଅବକାରୀ ବିଭାଗ ତଦନ୍ତରୁ ଜଣା ପଡ଼ିଛି। ଗିରଫ ୩ ଜଣ ସ୍ଥାନୀୟ ବିଦେଶୀ ମଦ ଦୋକାନ ର କର୍ମଚାରୀ ବୋଲି ଜଣା ପଡ଼ିଛି। ସେମାନଙ୍କ ଘରୁ ପ୍ରାୟ ୩୫ ଲିଟର ବିଦେଶୀ ମଦ, ବିଭିନ୍ନ କମ୍ପାନୀର ଷ୍ଟିକର ଆଦି ଜବତ ହେଇଛି। ଏକ ବିଦେଶୀ ମଦ ଦୋକାନରୁ ମଧ୍ୟ ଏମାନଙ୍କ ତିଆରି ନକଲି ମଦ ଜବତ ହେଇଛି। ଗତ ଏକ ସପ୍ତାହ ମଧ୍ୟରେ ଜିଲାର ଜୁନାଗଡ଼ ଏବଂ କେସିଙ୍ଗା ସହରରେ ଅବକାରୀ ବିଭାଗ ଦ୍ୱାରା ନକଲି ବିଦେଶୀ ମଦ ଏବଂ ଷ୍ଟିକର ଜବତ ହେଇଛି। କିନ୍ତୁ ଅଭିଯୁକ୍ତ ମାନେ ଶୀଘ୍ର ଜାମିନରେ ଫେରି ଆସୁଛନ୍ତି। ଫଳରେ ଅବକାରୀ ବିଭାଗର କାର୍ଯ୍ୟ ଶୈଳୀ ଉପରେ ପ୍ରଶ୍ନ ଉଠୁଛି।

ମାର୍ଚ୍ଚରେ ତାପମାତ୍ରା ଉପରମୁହାଁ: ଝାରସୁଗୁଡ଼ାରେ ୩୮° ରେକର୍ଡ଼

ଝାରସୁଗୁଡ଼ା,୭/୩(ନି/ପ୍ର): ମାର୍ଚ୍ଚ ମାସର ପ୍ରଥମ ସପ୍ତାହରୁ ତାପମାତ୍ରା ଉପରମୁହାଁ ହୋଇଛି। ପୂର୍ବାହ୍ଣ ୧୦ଟା ପରଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରାସ୍ତାରେ ଯିବା ବେଳେ ସୂର୍ଯ୍ୟକିରଣର ପ୍ରଖର କିରଣ ଅନୁଭୂବ ହେଉଛି। ଫାଲଗୁନ ପୂର୍ଣ୍ଣିମାରେ ଆଉ ବସନ୍ତ ପବନ ନାହିଁ। ଜଳବାୟୁ ପରିବର୍ତନ କାରଣରୁ ଗ୍ରୀଷ୍ମପ୍ରବାହ ଆଗୁଆ ଆଗମନ ହେଲା ଭଳି ଜଣାପଡୁଛି। ମାର୍ଚ୍ଚ ୩ ତାରିଖରେ ତାପମାତ୍ରା ଯାହା ରହିବା କଥା, ତାହା ରହୁନାହିଁ। ଝାରସୁଗୁଡ଼ାରେ ଆଜି ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହୋଇଛି। ଝାରସୁଗୁଡ଼ାବାସୀ ୩୮ ଡିଗ୍ରି ତାପମାତ୍ରାର ସାମ୍ନା କରିଛନ୍ତି। କିନ୍ତୁ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୨.୭ ଡିଗ୍ରି ରେକର୍ଡ ହୋଇଥିବା ନେଇ ଭାରତୀୟ ପାଣିପାଗ ବିଭାଗ ବୁଲେଟିନ ଜାରି କରିଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟର ଗୋଟିଏ ବା ଦୁଇଟି ସ୍ଥାନରେ ତାପମାତ୍ରା ୪ରୁ ୫ ଡିଗ୍ରି ସେଲସିୟସ ଅଧିକ ରେକର୍ଡ କରାଯାଇଛି। ସେହିପରି କିଛି ଜିଲ୍ଲାରେ ତାପମାତ୍ରା ୨ରୁ ୩ ଡିଗ୍ରି ସେଲସିୟସ ବଢ଼ିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩ରୁ ୪ଡିଗ୍ରି ଅଧିକ ରେକର୍ଡ କରାଯାଇଛି।

ପାନୀୟ ଜଳ ଯୋଗାଣ : କର୍ମଚାରୀ ଅଭାବ ଓ ହ୍ରାସ ପାଉଥିବା ଜଳସ୍ତର ସାଜିଛି ବଡ଼ ବାଧକ, ମାତ୍ର ୫ ଫିଟରରେ ଚାଲି କାମ

ଭଦ୍ରକ, ୭/୩(ନି/ପ୍ର): ଭଦ୍ରକ ଜିଲ୍ଲା ର ଧାମନଗର ବ୍ଲକର ୩୧ ଟି ପଂଚାୟତରେ ପାନୀୟ ଜଳ ସମସ୍ୟା ଚିନ୍ତାର କେନ୍ଦ୍ରବିନ୍ଦୁ ପାଲଟିଛି। ବ୍ଲକରେ ୨୬୭୬ଟି ନଳକୂପ ଓ ୬୦ ରୁ ଅଧିକ ସୌର ଜଳ ପ୍ରକଳ୍ପ ଥିଲେ ହେଁ, ରକ୍ଷଣାବେକ୍ଷଣ ଅଭାବରୁ ଅନେକ କାମରେ ଲାଗୁନି। ବସୁଧା ଯୋଜନାରେ ସବୁଆଡ଼େ ପାଇପ୍ ଯୋଗେ ପାଣି ପହଂଚାଇ ହୋଇନାହିଁ। ଅନେକ ସ୍ଥାନ ରେ ଉଚ୍ଚ ପାଣି ଟାଙ୍କୀ ଥିଲେବି ତାହା ଅଚଳ ହୋଇ ପଡ଼ିଛି। ଆଗକୁ ଖରା ର ତାତି ବଢିବାରେ ଲାଗିଚି ପାଣି ପାଇଁ ଲୋକ ମାନେ ଅନେକ ହଇରାଣ ହେଉଛନ୍ତି। ଅନେକ ଲୋକ ନଳକୂପ ଉପରେ ବି ନିର୍ଭର କରୁଛନ୍ତି। ହେଲେ ବ୍ୟବସ୍ଥାଗତ ତ୍ରୁଟି ସମସ୍ୟା ସମାଧାନ ପରିବର୍ତେ ସମସ୍ୟା ବଢାଇ ଦେଉଛି। ବିଭାଗୀୟ କର୍ମଚାରୀଙ୍କ ଅଭାବ ଧାମନଗର ବାସୀଙ୍କ ଶୋଷ ମେଂଟାଇବାରେ ବିଫଳ ହୋଇଛି। ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ଙ୍କ ନିଜ ନିର୍ବାଚନ ମଣ୍ଡଳୀ ରେ ପାନୀୟ ଜଳ ସମସ୍ୟା ବଢିବାରେ ଲାଗିଛି ଏବଂ କର୍ମ ଚାରି ଅଭାବ ରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ କର୍ମଚାରୀଙ୍କ ଅଭାବ ଦେଖା ଦେଇଛି। ପ୍ରକାଶ ଥାଉକି ପୂର୍ବରୁ ବ୍ଲକ ପାଇଁ ୧୬ ଜଣ ଫିଟର ଓ ଖଲାସୀ ଥିବା ବେଳେ ଏବେ ସେଥିମଧ୍ୟରୁ ୧୧ ଜଣ ଅବସର ନେଇ ସାରିଛନ୍ତି। ବର୍ତମାନ ମାତ୍ର ୫ ଜଣ କାର୍ଯ୍ୟ କରୁଥିବା ବେଳେ ନିକଟରେ ଆଉ ୨ ଜଣ ଅବସର ନେବେ। ଜଣେ ଜଣେ ଫିଟର କୁ ୬ ରୁ ୭ ଟି ପଂଚାୟତ ଦାୟିତ୍ୱ ଦିଆଯାଇଛି, ଯାହା ଫଳରେ ମରାମତି କାମ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ସ୍ଥାୟୀ କର୍ମଚାରୀ ନଥିବାରୁ ଅସ୍ଥାୟୀ 'ସେଲ୍ଫ ଏମ୍ପ୍ଲୟଡ ମେକାନିକ'ଙ୍କ ଭରସାରେ ବିଭାଗ ଚାଲିଛି। ନଦୀ ଶଯ୍ୟା ମାନଂକ ରେ ବେଆଇନ ବାଲି ଉତୋଳନ ଯୋଗୁଁ ନଦୀ ଶୁଖି ଯିବା ସହ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୦୭ ମସିହା ପୂର୍ବରୁ ୩୦ ଫୁଟ ରେ ପାଣି ମିଳୁଥିବା ବେଳେ ଏବେ ସରକାରୀ ସ୍ତରରେ ୨୧୦ ଫୁଟ ଖୋଳି ଲେ ବି ପାଣି ମିଳୁନାହିଁ। ଫଳରେ ଲୋକେ ବ୍ୟକ୍ତିଗତ ଭାବେ ୨୫୦ ଫୁଟରୁ ଅଧିକ ଗଭୀରକୁ ବୋରିଂ କରିବାକୁ ବାଧ୍ୟ ହେଉଛନ୍ତି। ନଳକୂପଗୁଡ଼ିକରେ ଲୌହ ଅଂଶ ଅଧିକ ରହୁଥିବାରୁ ଯନ୍ତ୍ରପାତି ଶୀଘ୍ର ଖରାପ ହେଉଛି। ବହୁଳ ବ୍ୟବହାର ଯୋଗୁଁ 'ୱାସର' କଟିଯାଉଛି ଏବଂ ପ୍ଲଞ୍ଜର ଛିଡ଼ିଯାଉଛି। ନଳକୂପ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରପାତି ବିଭାଗ ପାଖରେ ନରହି ପଂଚାୟତ ସରପଂଚଙ୍କ ଅଧୀନରେ ରହୁଛି। ଅନେକ ସମୟରେ ସରପଂଚ ମାନେ ଠିକ ସମୟରେ ସରଞ୍ଜାମ ଯୋଗାଉ ନଥିବାରୁ ଅଚଳ ନଳକୂପ ସେମିତି ପଡ଼ି ରହୁଛି। ଅନ୍ୟପଟେ କିଛି ଫିଟର ଶାସକ ଦଳର ନେତାଙ୍କ ଛତ୍ରଛାୟା ତଳେ ରହି କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି।

ରାଇରଙ୍ଗପୁରରେ ଓଡିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ରାଇରଙ୍ଗପୁର,୭/୩(ନି/ପ୍ର) :ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବାମନଘାଟି ଉପଖଣ୍ଡର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଠାରେ ଓଡିଶା ଦିବସ-୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବା ବେଳେ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଶ୍ରୀମତୀ ଅନିତାରାଣୀ ମହାନ୍ତ, ସହକାରୀ ଆଂଚଳିକ ପରିବହନ ଅଧିକାରୀ ଶ୍ରୀମତୀ ଚିନ୍ମୟୀ ମହାନ୍ତ, ଗୋଷ୍ଠୀ ଶିକ୍ଷାଧିକାରୀ ହେମ ମାଝୀ, ରାଇରଙ୍ଗପୁର ପୌରପାଳିକାର ପରିମଳ ବିଶେଷଜ୍ଞ ସ୍ୱାଧୀନ କୁମାର ତିୱାରୀ, ରାଇରଙ୍ଗପୁର ଡାକ ମଣ୍ଡଳ କାର୍ଯ୍ୟାଳୟର ଟିକନ କୁମାର ଦେବତାଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବରିଷ୍ଠ ନାଗରିକ ରସାନନ୍ଦ ଲେଙ୍କା, ସଚିକାନ୍ତ କର, ଦୁଷ୍ମନ୍ତ କୁମାର ବସା, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ କୁମାର ମହାନ୍ତି, ଶିକ୍ଷକ ରଞ୍ଜନ କୁମାର ନନ୍ଦ, ଅଧ୍ୟାପକ ବିଜୟ କୁମାର ରାମ, ଅବସରପ୍ରାପ୍ତ ଶିକ୍ଷକ ତିମିର ରଞ୍ଜନ ପଣ୍ଡା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବି ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ପୂର୍ବବର୍ଷ ବୈଠକର ବିବରଣୀ ପଠନ କରାଯାଇଥିଲା ଏବଂ ପ୍ରତ୍ୟେକ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ଆଲୋଚନା ପରେ ସର୍ବସମ୍ମତି କ୍ରମେ ଦିବସ ପାଳନ ପାଇଁ କିଛି ପ୍ରମୁଖ ନିଷ୍ପତି ଗ୍ରହଣ କରାଯାଇଥିଲା। ତଦନୁଯାୟୀ ଓଡିଶା ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦିବସ ପାଳନ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ଦିବସ ପାଳନ ଦିନ ପ୍ରାତଃ ୪ଟା ୩୦ ମିନିଟ ସମୟରେ ରାଇରଙ୍ଗପୁର ସହରାଚଂଳରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧ ସଂଗୀତ ବାଦନ କରାଯିବ। ସକାଳ ୭ଟା ରୁ ୮ଟା ମଧ୍ୟରେ ଦିବସର ମୁଖ୍ୟ ଅତିଥିଙ୍କ ସମେତ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ରାଇରଙ୍ଗପୁର ପୌରାଚଂଳରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯିବ। ସେହିପରି ସକାଳ ୯ଟା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରପୁତ୍ର ମାନଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ ସାଧାରଣ ସଭା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ। ଓଡିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ତଥା ମାତୃଭୂମି ପ୍ରତି ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସଭା କାର୍ଯ୍ୟ ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ ' ବାଦନ କରାଯିବ । ଏତଦ ବ୍ୟତୀତ ଦିବସ ପାଳନ ସନ୍ଧ୍ୟାରେ ରାଇରଙ୍ଗପୁର ସହରରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୃହ ଗୁଡିକ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯିବା ସହିତ ବରପୁତ୍ର ମାନଙ୍କ ପ୍ରତିମୂର୍ତି ଗୁଡିକ ଆଲୋକମାଳାରେ ସଜ୍ଜିତ କରାଯିବା ପାଇଁ ନିଷ୍ପତି ନିଆହୋଇଛି। ଉପଖଣ୍ଡ ସ୍ତରରେ ଉକ୍ତ ଦିବସକୁ ସୁନ୍ଦର, ଆକର୍ଷଣୀୟ ତଥା ବ୍ୟବସ୍ଥିତ ଢଙ୍ଗରେ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ସମସ୍ତଙ୍କର ଆନ୍ତରିକ ସହଯୋଗ କାମନା କରିଥିଲେ। ବୈଠକ ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଡ଼ ଶଶିକାନ୍ତ ଆଚାର୍ଯ୍ୟଙ୍କ ସ୍ମୃତି ଚାରଣ ସଭା ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

ରାଉରକେଲା,୭/୩(ନି/ପ୍ର): ଜଗଦା ସ୍ଥିତ ମାନବ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ ଶଶିକାନ୍ତ ଆଚାର୍ଯ୍ୟ ଙ୍କ ପ୍ରଥମ ବାର୍ଷିକ ସ୍ମୃତି ଚାରଣ ସଭା ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ସଭାପତି ଅଞ୍ଜନ କୁମାର ଦେଓଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପିତାମ୍ବର ଲେଙ୍କାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଦିଲ୍ଲିପ କୁମାର ବାସା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ସଂଜୀବ କୁମାର ମହାନ୍ତି, ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ, ବରିଷ୍ଠ ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତ,ଡ ଅଜିତ କୁମାର ବେହେରା ପ୍ରମୁଖ ଯୋଗଦେଇ ଡ ଆଚାର୍ଯ୍ୟଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହ ତାଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ସାମାଜିକ କର୍ମୀ ଗଗନ ବିହାରୀ ଧଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ପରିଚାଳନା ଦାୟିତ୍ୱରେ ଥିବା ହେମନ୍ତା ତାଣ୍ଡିଆ, ମଧୁସୂଦନ ମହାପାତ୍ର, ପ୍ରଭାତ ମହାନ୍ତି, ତ୍ରିଲୋଚନ ପରିଡା, ଜଟାଧାରୀ ମାଝୀ, ଲକ୍ଷ୍ମୀଧର ନାୟକ, ପ୍ରାକ୍ତନ ସରପଂ ଫୁଲେସିଆ ଡୁଙ୍ଗଡୁଙ୍ଗ, ଜ୍ଞାନଜିତ୍ ଦାସ, ଆର୍ତ୍ତତ୍ରାଣ ମହାପାତ୍ର, ଲୀନା ତ୍ରିପାଠୀ ପ୍ରମୁଖ ଡ ଆଚାର୍ଯ୍ୟଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ଡ ଆଚାର୍ଯ୍ୟଙ୍କ ନମ୍ରତା, ସରଳତା,ମାନବିକ ଦାୟିତ୍ୱବୋଧ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମତ ରଖିଥିଲେ । ପ୍ରାରମ୍ଭରେ ପ୍ରତିଷ୍ଠାନର ଅନ୍ତେବାସୀ ମାନେ ଡ ଆଚାର୍ଯ୍ୟଙ୍କ ଲିଖିତ ସଂଗୀତକୁ ଗାନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱଜିତ ରାଉତ, ବିଣାପାଣି ପଟ୍ଟନାୟକ,ସଂଜୁକ୍ତା ପଟ୍ଟନାୟକ, ବିଦ୍ୟାଧର ବେହେରା, ଅଭିରାମ ରାଉତରାୟ,ପି ପି ରାଉତରାୟ,କ୍ରୀତିଲତା ନନ୍ଦ, ସସ୍ମିତା ପ୍ରଧାନ,ରଜତ କୁମାର ନାୟକ, ହୃଷିକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସଂଗୀତରେ ଲକ୍ଷ୍ମୀ ମୁର୍ମୁ ତାବଲା ବାଦନରେ ପରମେଶ୍ୱର ସାହୁ,କ୍ଷିତିଶ ଲାହେରୀ ପ୍ରମୁଖ ସହଯୋଗ କରିଥିଲାବେଳେ ସଭାପତି ଶ୍ରୀ ଦେଓ ସ୍ୱାଗତ ଭାଷଣ ଓ ସମ୍ପାଦକ ଶ୍ରୀ ଲେଙ୍କା କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶେଷରେ ହେମନ୍ତା ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ

ରାଉରକେଲା,୭/୩(ନି/ପ୍ର): ଜିଲ୍ଲା ମହିଳା କଂଗ୍ରେସ ଆନୁକୂଲ୍ୟରେ ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରିଙ୍କ ଇସ୍ତଫା ଦାବି କରି ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଓଡିଶା ପ୍ରଦେଶ କଂଗ୍ରେସର ସଭାନେତ୍ରୀ ଶ୍ରୀମତୀ ସୁମିତା ବିଶ୍ୱାଳ ଏବଂ ଶ୍ରୀମତୀ ଦେବସ୍ମିତା ସାମଲଙ୍କ ସମେତ ରାଉରକେଲା ମହିଳା କଂଗ୍ରେସର ଶ୍ରୀମତୀ ଝରଣା ତ୍ରିପାଠୀ, ରଞ୍ଜିତା ମଲ୍ଲିକ, ସୁନୀତା ଲାକ୍ରା, ତୁଳସୀ ନାଗ, ଫିଲସୀତା ଚେରୁଆ, ଲକ୍ଷ୍ମୀପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ରାଉରକେଲା ଜିଲ୍ଲା କଂଗ୍ରେସର ସଭାପତି ସବିର ହୁସେନ, ପୂର୍ବତନ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ପାଢୀ, ଜ୍ଞାନେନ୍ଦ୍ର ଦାସ, ଜିଲ୍ଲା କଂଗ୍ରେସର ଉପସଭାପତି ଖାଦେଲ ସେଠୀ, ବ୍ରଜେନ୍ଦ୍ର ମହାନ୍ତି, ବିନୋଦ ରାଉତ, ସୁଜନ ସେଠୀ, ଶିବ ସୁନା, ଲକ୍ଷ୍ମୀପ୍ରିୟା ରାଉତ, ବିଜୟ ନାହାକ, ସେନାପତି ପୃଷ୍ଟି, ରାକେଶ ବେଉରିଆ, ସୁନୀଲ ସିଂହ, ଫୁଲ କଂସାରୀ, ଶରତ ପାଢୀ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଦୋଳପୂର୍ଣ୍ଣିମାରେ ମେଳଣ କାର୍ଯ୍ୟକ୍ରମ

ରାଉରକେଲା,୭/୩(ନି/ପ୍ର): କୋଏଲ ନଗର ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ପୁଷ୍ପାଞ୍ଜଳି ସେବା ସମିତି ଦ୍ୱାରା ଆୟୋଜିତ ପବିତ୍ର ଦୋଳପୂର୍ଣ୍ଣିମାରେ ମେଳଣ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟି ବ୍ରଜେନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ମେଳଣ କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅଂଚଳରୁ ପ୍ରାୟ ୨୦ଟି ବିମାନ ଅଂଶଗ୍ରହଣ କରିଥିଲେ । ପ୍ରଥମ କରି ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଆଲୋକ ରଂଜନ ମଲ୍ଲିକ, ସମସ୍ତ ଟ୍ରଷ୍ଟି ସର୍ବଶ୍ରୀ ପ୍ରଦୀପ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା,ବିନୟ ମହାନ୍ତି,ଡ ସନାତନ ପ୍ରଧାନ, ଅମୂଲ୍ୟ ମିଶ୍ର ସନ୍ତୋଷ କୁମାର ପାଣିଗ୍ରାହୀ ଓରଫ ମିଟୁ ନନା, ପୁଷ୍ପାଞ୍ଜଳି ଅନୁଷ୍ଠାନର ସର୍ବଶ୍ରୀ ଦିଗନ୍ତ ପାଣି, ସୁକାନ୍ତ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ଦାସ, ଗୋପାଳ ଜେନା,ସୁନାକର ଦାସ, ନାରାୟଣ ଖଟୁଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଢଙ୍ଗରେ ପରିଚାଳନା କରିଥିଲେ । ଏହି ଅବସରରେ ସେକ୍ଟର ୧୬ ରାଧାକୃଷ୍ଣ ଟ୍ରଷ୍ଟ ତରଫରୁ ଭଜନ ପରିବେଷଣ କରାଯାଇଥିଲା । ସାମଗ୍ରୀକ କାର୍ଯ୍ୟକ୍ରମରେ ମନ୍ଦିର ସମସ୍ତ ଦଇତା ସେବାୟତମାନେ ସହଯୋଗ କରିଥିଲେ । ଶେଷରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା ।

ସ୍ୱଚ୍ଛ ସର୍ବେକ୍ଷଣ ପରିପ୍ରେକ୍ଷୀରେ ଆଜି ଆରଏମସି ତରଫରୁ ବେଦବ୍ୟାସ ମେଳା ପଡ଼ିଆ ଠାରେ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୧୨୦ରୁ ଅଧିକ ଆରଏମସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏକାଠି ହୋଇ ମେଳା ପଡ଼ିଆ ସଫେଇ କରିଥିଲେ ।

୨୪ କେଜି ଗଂଜେଇ ଜବତ, ୪ ଗିରଫ

ଭଦ୍ରକ,୭/୩(ନି/ପ୍ର) :ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ସହରାଂଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ପେଶାଲ ଟିମ୍ ଚରମ୍ପା ରେଲଷ୍ଟେସନ ରାସ୍ତାରୁ ୨୪ କେଜି ଗଂଜେଇ ଜବତ କରି ତିନିଜଣ ମହିଳାଙ୍କ ସମେତ ଜଣେ ପୁରୁଷକୁ ଗିରଫ କରିଛି । ଏହି ଗଂଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଏହି ଅଭିଯୁକ୍ତଙ୍କ ନିକଟରୁ ଗଂଜେଇ ସମେତ ୪ଟି ମୋବାଇଲ୍ ଓ ୨ ହଜାର ଟଙ୍କା ଜବତ ହୋଇଛି । ଏଠାରେ ସୂଚନାଯୋଗ୍ୟ ଭଦ୍ରକ ଜିଲାରେ ଚୋରା ନିଶାଦ୍ରବ୍ୟ ରୋକିବା ନେଇ ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତ ନୂତନ ଭାବେ ଯୋଗଦେବା ସମୟରେ ଗଣମାଧ୍ୟମକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ଅନେକାଂଶରେ ସଫଳ ହୋଇଛି । ତେବେ ବ୍ରାଉନସୁଗାର, ଦେଶୀ ମଦ ଓ ଗଂଜେଇ ଭଳି ନିଶାଦ୍ରବ୍ୟ ରୋକିବା ଦିଗରେ ଯଦିଓ ଜିଲା ଅବକାରୀ ବିଭାଗ ରହିଛି, କିନ୍ତୁ ବାସ୍ତବରେ ତାହା ସ୍ଥାଣୁ ପାଲଟିଛି ।

ବଢ଼ିଲା ଘରୋଇ ରନ୍ଧନ ଗ୍ୟାସ୍ ଦର

ରାଉରକେଲା,୭/୩(ନି/ପ୍ର) :ମଧ୍ୟ ପ୍ରାଚ୍ୟ ରେ ଚାଲିଥିବା ଯୁଦ୍ଧର ପ୍ରଭାବ ପଡ଼ିଲା ଭାରତ ଉପରେ । ଆଜି ଘରୋଇ ରନ୍ଧନ ଗ୍ୟାସ୍ ଏବଂ କମର୍ଶିଆଲ୍ ଗ୍ୟାସ୍ ଦାମ୍ ବର୍ଦ୍ଧି ଥିବା ବେଳେ ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡ଼ିଛି । ଘରୋଇ ୧୪ କେଜି ଗ୍ୟାସ୍ ସିଲିଣ୍ଡର୍ ପ୍ରତି ୬୦ ଟଙ୍କା ବର୍ଦ୍ଧି ଥିବା ବେଳେ ରାଉରକେଲା ରେ ଏହାର ଦାମ୍ ୯୧୨ ଟଙ୍କା ରୁ ୯୭୨ ଟଙ୍କାରେ ପହଚିଂଛି । ସେହି ପରି ବ୍ୟବସାୟୀକ ଗ୍ୟାସ୍ ସିଲିଣ୍ଡର୍ ୧୧୫ ଟଙ୍କା ପାଖାପାଖି ବଢ଼ିଛି । ଯୁଦ୍ଧ ଚାଲି ଥିବାରୁ ଅଶୋଧିତ ତୈଳ ଦର ବଢୁଛି । ଯୁଦ୍ଧ ଲାଗି ରହିଲେ ଆଗାମୀ ଦିନରେ ଗ୍ୟାସ ସିଲିଣ୍ଡର୍ ଦାମ୍ ଆହୁରି ବଢ଼ିବାର ସମ୍ଭାବନା ରହିଛି । ଯୁଦ୍ଧ ର ପ୍ରଭାବରେ ଘରୋଇ ରନ୍ଧନ ଏବଂ ବ୍ୟବସାୟୀକ ଗ୍ୟାସ୍ ଦର ବୃଦ୍ଧି ପାଇ ଥିବା ବେଳେ ଆଗାମୀ ଦିନରେ ପେଟ୍ରୋଲ , ଡିଜେଲ୍ ଦର ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ନୂତନ୍ ନ୍ୟାୟ ସଂହିତା ପ୍ରଦର୍ଶନୀ ଉଦଘାଟନ

ଭଦ୍ରକ, ୭/୩: କେନ୍ଦ୍ରୀୟ ସମବାୟ ମନ୍ତ୍ରୀ ତଥା ଗୃହ ମନ୍ତ୍ରୀ ଅମିତ୍ ଶାହା ଜୀ ଙ୍କ ନୂତନ୍ ନ୍ୟାୟ ସଂହିତା ପ୍ରଦର୍ଶନୀ ଉଦଘାଟନ ତଥା ୩,୨୭୫ କୋଟି ଟଙ୍କା ର ବିଭିନ୍ନ ପ୍ରକଳ୍ପ ର ଲୋକାର୍ପଣ ଓ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଟାଉନ୍ ହଲ୍ ଠାରେ ସମବାୟ ବିଭାଗ ତରଫରୁ ଜିଲ୍ଲା ର ଉପନିବନ୍ଧଙ୍କ ଦୁଃଖିଆ ଟୁଡୁ ଙ୍କ ନେତୃତ୍ୱରେ ଭଦ୍ରକ ସହକାରୀ ନିବନ୍ଧକ ପ୍ରାଚିତା ଜେନା , ଭଦ୍ରକ ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ର ନିର୍ଦ୍ଦେଶକ ପ୍ରକାଶ ଜ୍ୟୋତି ମହାକୁଡ଼, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ରୋଗ ନିୟନ୍ତ୍ରଣ ଡାକ୍ତର ବିଜୟ କେତନ ପଟ୍ଟନାୟକ, ଉପସହକାରି ନିବନ୍ଧକ ସତ୍ୟ ପ୍ରକାଶ ସେଠୀ ପ୍ରଦୀପ ଉଜ୍ଜଳନ କରିଥିଲେ । ଏବଂ ଏହି କାର୍ଯକ୍ରମ ରେ ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ,ବରିଷ୍ଠ ସମାବାୟିତ ବସନ୍ତ କୁମାର ରଣା, ତପନ ପଣ୍ଡା, ଅଟଳ ନାୟକ, ଆଦିକନ୍ଦ ନାୟକ, ରାଜେନ୍ଦ୍ର ଖନ୍ଦେଇ, ଅରୁଣ ଉଦୟ ପାତ୍ର, ଭରତ ପାତ୍ର, ଗୌରାଙ୍ଗ ନାୟକ, ବୃନ୍ଦାବନ ଭଳ, ନାରାୟଣ ଜେନା ଓ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏବଂ ୧୦୫ ଗୋଟି ସମବାୟ ସମିତି ର କର୍ମଚାରୀ ତଥା ଜିଲ୍ଲା ରୁ ବିଭିନ୍ନ ସମିତି ର ସଭାପତି ଭିଡିଓ କନଫରେନ୍ସିରେ ଉପସ୍ଥିତ ଥିଲେ ।

ବେଦବ୍ୟାସ ଅଚଂଳରୁ ଉଦ୍ଧାର ହୋଇଥିବା ଯୁବତୀର ମୃତଦେହ ଚିହ୍ନଟ ହୋଇନପାରି ସଂରକ୍ଷିତ ରଖାଯାଇଛିଂ

ରାଉରକେଲା,୭/୩(ନି/ପ୍ର): ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ସ-ମିଲ୍ ଅଚଂଳର ସ୍କୁଲ ପଛପଟ ଏକ ବୁଦାରୁ ଶୁକ୍ରବାର ଦିନ ଉଦ୍ଧାର ହୋଇଥିବା ଜଣେ ଯୁବତୀଙ୍କ ମୃତଦେହ ଓ ହତ୍ୟା ଘଟଣାର ୨୪ ଘଟାଂ ପରେ ମଧ୍ୟ ଯୁବତୀର ଶବ ଅଚିହ୍ନା ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୋଷ୍ଟମର୍ଟମ ଶେଷ ହେବା ପରେ, ପୋଲିସ ମୃତଦେହକୁ ସଂରକ୍ଷିତ ରଖିଛି ଏବଂ ମୃତକଙ୍କ ପରିଚୟ ପାଇଁ ପ୍ରୟାସ ଜାରି ରଖିଛି । ଏପର୍ଯ୍ୟନ୍ତ ମୃତଦେହ ଚିହ୍ନଟ ହୋଇପାରି ନଥିବାରୁ ପୋଲିସ ସନ୍ଦେହ କରୁଛି ଯେ ସମ୍ପୃକ୍ତ ଯୁବତୀ ସ୍ଥାନୀୟ ଅଚଂଳର ବାସିନ୍ଦା ହୋଇନପାରନ୍ତି । ପୋଲିସର ପ୍ରାଥମିକ ସୂଚନା ଅନୁଯାୟୀ, ମୃତକଙ୍କ ବୟସ ପ୍ରାୟ ୨୨-୨୩ ବର୍ଷ ବୋଲି ଅନୁମାନ କରାଯାଉଛି । ପୋଲିସ ସନ୍ଦେହ କରୁଛି ଯେ ତାଙ୍କୁ ଅନ୍ୟ କୌଣସି ସ୍ଥାନରେ ହତ୍ୟା କରାଯାଇ ପରେ ଅପରାଧକୁ ଲୁଚାଇବା ପାଇଁ ମୃତଦେହକୁ ସେଠାରେ ଫିଙ୍ଗି ଦିଆଯାଇଥିବା ଅନୁମାନ କରାଯାଉଛି । ତଦନ୍ତରେ ସହାୟତା କରିବା ପାଇଁ ଘଟଣାସ୍ଥଳରେ ଏକ ସାଇଟିଂଫିକ ଟିମ୍ ଏବଂ ସ୍ନିଫର କୁକୁର ନିୟୋଜିତ କରାଯାଇଛି । ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ବୋଲି ପୋଲିସ୍ ଅଧିକାରୀମାନେ କହିଛନ୍ତି । ଏଠାରେ ସ୍ମରଣଯୋଗ୍ୟ ଯେ, ଶୁକ୍ରବାର ଦିନ ଭେଦବ୍ୟାସ ସ'ମିଲ୍ ଛକରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା ଏକ ସ୍କୁଲ ପଛ ବୁଦାରୁ ଯୁବତୀର ମୃତଦେହ ମିଳିଥିଲା । ମୃତଦେହ ମିଳିବା ପରେ ସ୍ଥାନୀୟ ଅଚଂଳରେ ଆତଙ୍କ ଏବଂ ଚାଚଂଲ୍ୟ ସୃଷ୍ଟି ହୋଇଥିଲା ।

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ, ଆରଏସପିରେ 'ଜଲୱା– ଦି ରାମ୍ପ ଶୋ' ଏବଂ କୁଇଜ୍ ପ୍ରତିଯୋଗିତା

ରାଉରକେଲା,୭/୩(ନି.ପ୍ର): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଂଟ ଆନ୍ତର୍ଜାତୀୟ ମହିଳା ଦିବସକୁ ଉତ୍ସାହ ଏବଂ ଉତ୍ସବର ସହିତ ପାଳନ କରିବାକୁ ପ୍ରସ୍ତୁତ ହେଉଛି । ଏହି ଉତ୍ସବର ରନ-ଅପ୍ ଇଭେଂଟର ଏକ ଅଂଶ ଭାବରେ, ୨୫ ଫେବୃଆରୀ ୨୦୨୬ରେ ପ୍ଲାଂଟର ପୁରୁଷ ଏବଂ ମହିଳା କର୍ମଚାରୀଙ୍କ ପାଇଁ ଏଲ ଏଣ୍ଡ ଡି ବିଭାଗ ରେ "ଜଲୱା – ଦି ରାମ୍ପ ଶୋ" ଶୀର୍ଷକ ଏକ ରାମ୍ପ ୱାକ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ବହୁ ପ୍ରତୀକ୍ଷିତ ଏହି ଇଭେଂଟରେ କର୍ମଚାରୀମାନେ ଉତ୍ସାହୀ ଅଂଶଗ୍ରହଣ କରି ଆତ୍ମବିଶ୍ୱାସ, ସୌମ୍ୟ ଓ ନିଜରଧୀ ଶକ୍ତି ପ୍ରଦର୍ଶନ ପୂର୍ବକ ରାମ୍ପକୁ ଯାଇଥିଲେ । ଅଂଶଗ୍ରହଣକାରୀମାନେ ବିବିଧ ସଂସ୍କୃତି ଏବଂ ପରମ୍ପରାକୁ ପ୍ରତିଫଳିତ କରୁଥିବା ପୋଷାକର ଏକ ସ୍ପନ୍ଦନଶୀଳ ମିଶ୍ରଣ ପ୍ରଦର୍ଶନ କରିଥିଲେ । ସେମାନଙ୍କର ସୁନ୍ଦର ପ୍ରଦର୍ଶନ ବ୍ୟତୀତ, ପ୍ରତିଯୋଗୀମାନେ ବିଚାରକ ମାନଙ୍କ ପ୍ରଶ୍ନର ଉତର ସେମାନଙ୍କର ବୁଦ୍ଧି ଏବଂ ସ୍ୱତଃସ୍ଫୂର୍ତ ଉତର ଓ ଅଭିବ୍ୟକ୍ତି ମାଧ୍ୟମରେ ଉଭୟ ଦର୍ଶକ ଏବଂ ବିଚାରକମାନଙ୍କୁ ମଧ୍ୟ ପ୍ରଭାବିତ କରିଥିଲେ । ଏହି ଇଭେଂଟର ବିଚାରକ ଥିଲେ ଶ୍ରୀମତୀ ସୁନିତା ସିଂହ, ସିଜିଏମ୍ (ପିପି ଆଣ୍ଡ ସି) ଏବଂ ଶ୍ରୀ ଦେବଜିତ ରାଭା, ଜିଏମ୍ ଆଇ/ସି (ଡବ୍ଲୁଏମଡି) । ପ୍ରତିଯୋଗୀ ମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଏବଂ ସୃଜନଶୀଳ ଉପସ୍ଥାପନା ଦର୍ଶକଙ୍କ ଦ୍ୱାରା ବେଶ ପ୍ରଶଂଶିତ ହୋଇ ଥିଲା, ଯାହା ଏହି କାର୍ଯ୍ୟକ୍ରମକୁ ମହିଳା ଦିବସ ପାଳନର ଏକ ସ୍ମରଣୀୟ ମୁହୂର୍ତ କରିଥିଲା । ସେହିଭଳି ଫେବୃଆରୀ ୨୭ ତାରିଖରେ କାରଖାନାର ପୁରୁଷ ଏବଂ ମହିଳା କର୍ମଚାରୀଙ୍କ ପାଇଁ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମରେ ୭୫ ଜଣ କର୍ମଚାରୀ ଉତ୍ସାହ ର ସହିତ ଅଂଶଗ୍ରହଣ କରିଥିଲେ, ଯେଉଁମାନେ ପ୍ରଚଣ୍ଡ ଆତ୍ମବିଶ୍ୱାସର ସହିତ କୁଇଜ୍ ଚ୍ୟାଲେଞ୍ଜକୁ ଗ୍ରହଣ କରିଥିଲେ । ଏହି ଶୋ'ର କୁଇଜ୍ ମାଷ୍ଟର ଥିଲେ କୋକ ଅଭେନ ବିଭାଗ ର ଏ ଜି ଏମ ଶ୍ରୀ ସମ୍ପଦ ମିଶ୍ର, ଏବଂ ସି ଇ ଏସ ଆଇ ବିଭାଗ ର ଏ ଜି ଏମ ସୁଶ୍ରୀ ଦିବ୍ୟା ଦାଶ । ଉକ୍ତ ପ୍ରତିଯୋଗିତାର ପ୍ରଥମେ ଏକ ଲିଖିତ ଏଲିମିନେସନ୍ ରାଉଣ୍ଡ ଏବଂ 'ପରେ ଏକ ଅଡିଓ ଭିଜୁଆଲ୍ ଫାଇନାଲ୍ କାର୍ଯ୍ୟକ୍ରମ ହୋଇଥିଲା । ଫାଇନାଲ ପାଇଁ ମୋଟ ୬ଟି ଦଳ ଯୋଗ୍ୟତା ଅର୍ଜନ କରିଥିଲେ । କୁଇଜ୍ ମାଷ୍ଟରମାନଙ୍କ ଦ୍ୱାରା ପଚରାଯାଇଥିବା କିଛି ପ୍ରଶ୍ନରେ ଦର୍ଶକମାନେ ମଧ୍ୟ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ପ୍ରତିଯୋଗିତାର ବିଜେତାମାନଙ୍କୁ ମାର୍ଚ୍ଚ ୭ ତାରିଖରେ ସିଭିକ୍ ସେଂଟରରେ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ସମୟରେ ପୁରସ୍କୃତ କରାଯିବ ।

ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ନୂତନ ଅଗ୍ନି ନିରାପତା ପଦକ୍ଷେପ ଆରମ୍ଭ

ରାଉରକେଲା,୭/୩(ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଆହତ ଶୂନ୍ୟ ଇସ୍ପାତ ଉତ୍ପାଦନ ପ୍ରତି ପ୍ରତିବଦ୍ଧ । ଏହି ପ୍ରତିବଦ୍ଧତାର ଏକ ଅଂଶ ସ୍ୱରୂପ ନିୟମିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେବ ସହ ଅଧିକାରୀ , ଏବଂ ଠିକା ଶ୍ରମିକ ଙ୍କ ସମେତ ସମଗ୍ର କର୍ମଚାରୀମାନଙ୍କୁ ସଚେତନ କରିବା ପାଇଁ ନୂତନ ପଦକ୍ଷେପ ମାନ ଗ୍ରହଣ କରାଯାଉଛି । ଅଗ୍ନିଶମ ସେବା ବିଭାଗ ଦ୍ୱାରା ମାର୍ଚ୍ଚ ୬ ତାରିଖ ଦିନ ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ର ଠାରେ ଏହିପରି ଦୁଇଟି ନୂତନ ତାଲିମ ମଡ୍ୟୁଲ୍ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. ଆର. ପଲାଇ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଡ୍ୟୁଲ୍ ଗୁଡ଼ିକର ଶୁଭ ଉଦଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଅଧିକାରୀ ମାନଙ୍କ ପାଇଁ ପ୍ରଥମ ମଡ୍ୟୁଲ୍ "ଅଗ୍ନି ରକ୍ଷକ" ଭାବେ ଏକ ଦିବସୀୟ କାର୍ଯ୍ୟକ୍ରମ ଥିବା ବେଳେ ଦ୍ୱିତୀୟଟି "ଦକ୍ଷ ରକ୍ଷକ" , ଠିକା ଶ୍ରମିକ ଙ୍କ ପାଇଁ ଏକ ଦ୍ୱି ଦିବସୀୟ କାର୍ଯ୍ୟକ୍ରମ । 'ଅଗ୍ନି ରକ୍ଷକ' କାର୍ଯ୍ୟକ୍ରମରେ ଅଗ୍ନି ନିୟନ୍ତ୍ରଣ ପରିଚାଳନା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରଯାଇ ଥିବା ବେଳେ ଦ୍ୱିତୀୟ କାର୍ଯ୍ୟକ୍ରମରେ 'ଦକ୍ଷ୍ୟ ରକ୍ଷ୍ୟକ' ଭାବେ ଗ୍ୟାସ୍ ଲାଇନ କାର୍ଯ୍ୟ, ରୁଦ୍ଧ ସ୍ଥାନ ମଧ୍ୟରେ କାର୍ଯ୍ୟ ଏବଂ ଉଚ୍ଚତାରେ କାର୍ଯ୍ୟ ସମ୍ପାଦନ ସମୟରେ ଜରୁରୀକାଳୀନ ପ୍ରତିକ୍ରିୟା ସହିତ ଉଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା । ଉଭୟ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କାରୀଙ୍କୁ ପ୍ରତ୍ୟକ୍ଷ କାର୍ଯ୍ୟସ୍ଥଳୀ ର ବୃହତ ଧାରଣା ସହିତ ସାମାନ୍ୟ ତାନ୍ତ୍ରିକ ଧାରଣା ଦିଆ ଯାଇଥିଲା । ଶ୍ରୀ ପଲାଇ ତାଙ୍କ ଉଦଘାଟନୀ ଅଭିଭାଷଣରେ, ଏକ ସୁରକ୍ଷିତ କାର୍ଯ୍ୟ ସଂସ୍କୃତିକୁ ଗ୍ରହଣ କରିବାର ମହନ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏହା ସହିତ କାରଖାନା ପରିଚାଳନାର ସମସ୍ତ କ୍ଷେତ୍ର ରେ ସୁରକ୍ଷା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ସେ ନିଜ କଥିତ ଭାଷାରେ କାର୍ଯ୍ୟକ୍ରମ ପରିଚାଳନା କରିବା ଉପରେ ଜୋର ଦେଇ ଦୈନନ୍ଦିନ କାର୍ଯ୍ୟ ଅଭ୍ୟାସରେ ତାଲିମ କାର୍ଯ୍ୟକ୍ରମର ଶିକ୍ଷା କୁ ଉପଯୋଗ କରିବାକୁ ପରାମର୍ଶ ମଧ୍ୟ ଦେଇଥିଲେ । ପ୍ରାରମ୍ଭରେ ଅଗ୍ନିଶମ ସେବା ବିଭାଗର ଜିଏମ ଶ୍ରୀ ପି.ଏସ୍. ଠାକରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ସମାବେଶରେ ଅଗ୍ନିଶମ ସେବା ଏବଂ ସୁରକ୍ଷା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର, ସମାବେଶକୁ ସ୍ୱାଗତ କରିଥିଲେ । ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ର ସିଜିଏମ ଶ୍ରୀ ପି.କେ. ସାହୁ, ମଚଂରେ ଉପସ୍ଥିତ ରହିବା ସହିତ ଏହି ଅବସରରେ କାରଖାନାର ବହୁ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ । ପରିଶେଷରେ ଅଗ୍ନିଶମ ସେବା ବିଭାଗ ର ଡିଜିଏମ ଶ୍ରୀ ଏମ୍. ସୋନକୁସାରେ, ଧନ୍ୟବାଦ ଅର୍ପଣ କରିଥିଲେ ।